## ଶ୍ରୀରାମଚନ୍ଦ୍ରପୁର ଶାସନରେ ହରଚଣ୍ଡୀ ଓ ଚଣ୍ଡେଶ୍ୱରଙ୍କ ବିବାହ ସମ୍ପନ୍ନ



**ସାକ୍ଷୀଗୋପାଳ,୧୯।୬/ଏନ୍ଏନ୍ଏସ୍:** ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ଶାସନ ଶ୍ରୀରାମଚନ୍ଦ୍ରପୁର ଗ୍ରାମରେ ଶୀତଳ ଷଷ୍ଠୀ ପର୍ବ ଚିରନ୍ତନ ପରମ୍ପରା କ୍ରମେ ପ୍ରତି ବର୍ଷ ଅନୁଷ୍ଠିତ ହୋଇଆସୁଛି। ସନ୍ଧ୍ୟାରେ ଗୁରୁବାର ସନ୍ଧ୍ୟାରେ ଶିବ ବିବାହ ଉତ୍ସବ ସମ୍ପନ୍ନ ହୋଇଥିବା ବେଳେ ଏହାର ଗୋଟିଏ ଦିନ ପରେ ଶୁକ୍ରବାର ଦିନ ଗ୍ରାମରେ ଏହି ଶିବ ପାର୍ବତୀଙ୍କ ବିବାହ ଉତ୍ସବ ଶୀତଳ ଷଷ୍ଠୀ ଭାବରେ ଅନୁଷ୍ଠିତ ହୋଇ ଆସୁଛି। ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ଘଣ୍ଟ, ଘଣ୍ଟା, କାହାଳି ଓ ବିଭିନ୍ନ ବାଦ୍ୟ ସହିତ ପ୍ରଭୁ ଚଣ୍ଡେଶ୍ୱରଦେବ ବର ବେଶରେ ବରଯାତ୍ରୀ ଦଣ୍ଡା ବାଲୁଙ୍କେଶ୍ୱର, ଯଟେଶ୍ୱର ଦେବ, ନୀଳକଣ୍ଠେଶ୍ୱର ଦେବ, ବଣିଆ ସାହି ବାଲୁଙ୍କେଶ୍ୱର ଦେବ ଓ ନହଳା ବାଲୁଙ୍କେଶ୍ୱର ଦେବଙ୍କ ସହିତ ବିବାହ ଉତ୍ସବ ସ୍ଥାନ ହରଚଣ୍ଡୀପୁର ସ୍ଥିତ ମା ହରଚଣ୍ଡୀ ଠାକୁରାଣୀଙ୍କ ମନ୍ଦିର ପ୍ରାଙ୍ଗଣରେ ପହଞ୍ଚିବା ପରେ ବୈଦିକ ପରମ୍ପରା ଓ ରୀତିନୀତି ଅନୁଯାୟୀ ବିବାହ ଉତ୍ସବ ସମ୍ପନ୍ନ ହୋଇଥିଲା। ବିବାହ ସମ୍ପର୍ଣ୍ଣ ପରେ ନବ ଦମ୍ପତି ପ୍ରଭୁ ଚଣ୍ଡେଶ୍ୱର ଏବଂ ମା ହରଚଣ୍ଡୀ ଠାକୁରାଣୀ ସିଂହାସନରେ ବିଜେ ହୋଇଥିଲେ। ଏଥିରେ କନ୍ୟା ପିତା ଭାବରେ ବଡ଼ପଣ୍ଡା ଜିତେନ୍ଦ୍ର ମହାପାତ୍ର,ବର ପିତା ଭାବରେ ବସନ୍ତ କୁମାର ମିଶ୍ର ଏବଂ ପୁରୋହିତ ଭାବରେ ପଣ୍ଡିତ ହରିପ୍ରସାଦ ଦାଶ ଦାୟିତ୍ୱ ନିର୍ବାହ କରିଥିଲେ। ବିବାହ ସମ୍ପର୍ଣ୍ଣ ପରେ ଦେବ ଦମ୍ପତି ଓ ବରଯାତ୍ରୀ ମାନେ ଏକ ଶୋଭାଯାତ୍ରାରେ ଘଣ୍ଟ ଘଣ୍ଟା,ପୋଡିଶଙ୍ଖ, ଢୋଲ, ମହୁରୀ, ପାରମ୍ପରିକ ବାଦ୍ୟଯନ୍ତ୍ର ବଜାଇ ଶ୍ରୀରାମଚନ୍ଦ୍ରପୁର ଗ୍ରାମରେ ପହଞ୍ଚି ଦୁଆରୀ ଭୋଗ ଖାଇବା ପରେ ଗ୍ରାମ ମଧ୍ୟ ଭାଗରେ ଖୁଣ୍ଟି ଲାଗି ହୋଇଥିଲେ। ଏହି ଶୀତଳଷଷ୍ଠୀ ଉତ୍ସବ ପାଳନ ନିମନ୍ତେ ଗ୍ରାମ କୋଠ କମିଟି ଓ ଯୁବକ ମାନଙ୍କ ପକ୍ଷରୁ ସମସ୍ତ ଆୟୋଜନ କରାଯାଇଥିଲା।

## ଝାଁଳାରେ ଦେବ ଦମ୍ପତିଙ୍କ ବିବାହ ସମ୍ପନ୍ନ



**ମୁଣ୍ଡମୁହାଣ,୧୯।୬/ଏନ୍ଏନ୍ଏସ୍:** ପବିତ୍ର ଶୀତଳଷଷ୍ଠୀ ଉପଲକ୍ଷେ ମୁଣ୍ଡମୁହାଣ-ଝାଁଳା ଗ୍ରାମରେ ଦେବ ଦମ୍ପତି ବିବାହ ମହା ଆଡ଼ମ୍ବରରେ ପାଳିତ ହୋଇଯାଇଛି। ପରମ୍ପରା ଅନୁସାରେ ମାନବୀୟ ରୀତିନୀତିରେ ଗତକାଲି ବାବା ଗ୍ରାମେଶ୍ୱର, ବାଲୁଙ୍କେଶ୍ୱର ଓ ମା' ପାର୍ବତୀଙ୍କ ମଙ୍ଗନ କାର୍ଯ୍ୟ ସମାପନ ହୋଇଥିଲା। ସନ୍ଧ୍ୟାରେ ମୁଣ୍ଡମୁହାଣ ଗ୍ରାମର ଆରାଧ୍ୟ ଦେବତା ବାବା ଗ୍ରାମେଶ୍ୱର ଦେବ ଓ ଝାଁଳା ଗ୍ରାମର ଶ୍ରୀ ବାଲୁଙ୍କେଶ୍ୱର ମହାଦେବଙ୍କ ଚଳନ୍ତି ବିଗ୍ରହକୁ ଏକ ସୁସିତ ବିମାନରେ ବସାଇ ବାଜା, ବାଣ, ହାତୀ, ଘୋଡା, ପାରମ୍ପରିକ ପଟୁଆର ଧରି ଗ୍ରାମ ପରିକ୍ରମା କରିଥିଲେ। ଉଭୟ ଗ୍ରାମର ବରପିତା ବରଯାତ୍ରୀ ମାନଙ୍କ ସହ ମହାଦେବଙ୍କ ବିଶାଳ ପଟୁଆର ଧରି ଆଗେ ଆଗେ କନ୍ୟା ଘର ଅଭିମୁଖେ ଯାଉଥିଲେ। ବୈଦିକ ରୀତିରେ ଦେବ ଦମ୍ପତିଙ୍କ ବିବାହ ସମ୍ପନ୍ନ ହୋଇଥିଲା। ଆସନ୍ତାକାଲି ପାରମ୍ପରିକ ପଟୁଆର ଧରି ଦେବ ଦମ୍ପତି ମନ୍ଦିର ପ୍ରବେଶ କରିବେ। ସେହିଭଳି ସ୍ଥାନୀୟ ଅଞ୍ଚଳରେ ଶୀତଳଷଷ୍ଠୀ ଅବସରରେ ଗଙ୍ଗପଡା ଗ୍ରାମର ଗଙ୍ଗେଶ୍ୱର ଦେବ, ଗ୍ରାମଣ୍ଡିହ ଗ୍ରାମର ସପ୍ତେଶ୍ୱର ମହାଦେବଙ୍କ ପୀଠରେ ମଧ ବହୁ ଆଡ଼ମ୍ବରେ ଦେବଦମ୍ପତି ବିବାହ ସମ୍ପନ୍ନ ହୋଇଛି। ସେହିଭଳି ନଁପୁଟ ନୀଳକଣ୍ଠେଶ୍ୱର ଓ ସୋମନାଥ ଦେବଙ୍କ ପୀଠରେ ଶିବବିବାହ ଯଥାରୀତିରେ ମହାସମାରୋହରେ ପାଳିତ ହୋଇଯାଇଛି। ଏହାସହ ଛତାବର, ମଦନପୁର, ପଳାଶପୁର ଆଦି ଗ୍ରାମରେ ଦେବଦମ୍ପତି ବିବାହ ସମ୍ପନ୍ନ ହୋଇଥିବା ସୂଚନା ମିଳିଛି।

## ବାବା କପିଳେଶ୍ୱରଙ୍କ ଶୀତଳଷଷ୍ଠୀ ଯାତ୍ରା ସମ୍ପନ୍ନ

**କଣ୍ଟିଲୋ,୧୯।୬/ଏନ୍ଏନ୍ଏସ୍:** ପ୍ରତ୍ୟେକ ପୂର୍ବ ବର୍ଷ ଭଳି ଚଳିତ ବର୍ଷ କଣ୍ଟିଲୋ ପଞ୍ଚାୟତ ଅନ୍ତର୍ଗତ ହରିସୁବୁଦ୍ଧି ପାଟଣା ଛମୌଜାରେ ବାବା ଶ୍ରୀ ଶ୍ରୀ କପିଳେଶ୍ୱରଦେବଙ୍କ ପ୍ରସିଦ୍ଧ ଶୀତଳ ଷଷ୍ଠୀ ଯାତ୍ରା ୧୬ ତାରିଖ ମଙ୍ଗଳବାରଠାରୁ ଆରମ୍ଭ ହୋଇ ୩ଦିନ ଧରି ଚାଲିବା ପରେ ୧୮ ତାରିଖ ଗୁରୁବାର ଶେଷ ହୋଇଛି। ସୂଚନାରୁ ପ୍ରକାଶ ଯେ, ଶ୍ରୀ ଜିଉଙ୍କ ଏହି ଯାତ୍ରା ଦେବ ଦମ୍ପତିଙ୍କ ଏହି ପବିତ୍ର ବିବାହ ମହୋତ୍ସବ ପାଇଁ ସ୍ଥାନୀୟ ଅଞ୍ଚଳ ଉତ୍ସବମୁଖର ହୋଇଉଠିଛି। ଏହି ଭବ୍ୟ ଯାତ୍ରାର ପ୍ରଥମ ଦିନ ସାନ୍ଧ୍ୟ ୬ଟା ସମୟରେ ଦେବନିମନ୍ତ୍ରଣ କାର୍ଯ୍ୟକ୍ରମ ସୁଚାରୁରୂପେ ସମ୍ପନ୍ନ ହୋଇଥିଲା। ବୁଧବାର ଦେବ ଦମ୍ପତିଙ୍କ ମଙ୍ଗଳ କୃତ୍ୟ ସମ୍ପନ୍ନ ହୋଇଥିଲା। ଗୁରୁବାର ସକାଳ ୮ଟାରେ ମନ୍ଦିର ବିଜେ ଏବଂ ୨ୟ ବନ୍ଦାପନା କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ପ୍ରଭୁ ଷଡ଼ଭୁଜ ଗୌରାଙ୍ଗ ଓ ପ୍ରଭୁ ଶ୍ରୀ ଗୋପୀନାଥଙ୍କୁ ନିମନ୍ତ୍ରଣ କରି ବିବାହ ମଣ୍ଡପକୁ ଆଣିଥିଲେ। ପୂର୍ବାହ୍ନ ୧୦ଟା ୩୦ ମିନିଟ ସମୟରେ ଶୁଭ ଲଗ୍ନରେ ଦେବ ବିବାହ କର୍ମ ଆରମ୍ଭ ହୋଇଥିଲା। ରାତ୍ର ୮ଘଟିକାରେ ଦେବ ଦମ୍ପତିଙ୍କ ଭବ୍ୟ ନଗର ପରିକ୍ରମା ଓ ଭୋଗଲାଗି ଏବଂ ନଗର ପରିକ୍ରମା ଓ ୩ୟ ବନ୍ଦାପନା କାର୍ଯ୍ୟକ୍ରମ ସମ୍ପନ୍ନ କରାଯାଇଥିଲା। ଏହି ପବିତ୍ର ଶୀତଳ ଷଷ୍ଠୀ ଉପଲକ୍ଷେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ମନୋରଞ୍ଜନ ପାଇଁ ସ୍ୱତନ୍ତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଗଣିଆ ବ୍ଲକ ଛାମୁଣ୍ଡିଆ ଓ ନିକଟସ୍ଥ ଗୋପୀନାଥପୁର ଭାଗବତ ମାତୃମଣ୍ଡଳୀଙ୍କ ଦ୍ୱାରା ମହିଳା ବାଦି ଭାଗବତ ଅନୁଷ୍ଠିତ ହୋଇଥିଲା। ଚଳିତବର୍ଷ ବାବା କପିଳେଶ୍ୱରଙ୍କ ବିବାହ ମହୋତ୍ସବରେ ବରପିତା ଭାବେ ହରିସୁବୁଦ୍ଧି ପାଟଣାର ପ୍ରସନ୍ନ କୁମାର ବାଇ ଏବଂ କନ୍ୟାପିତା ଭାବେ ପାଟଭଣ୍ଡା ପରିବାରର ଶ୍ରୀଧର ରାଉତ ଦାୟିତ୍ୱ ତୁଲାଇଥିଲେ। ସମସ୍ତ ନୀତିକାନ୍ତିକୁ ଶୃଙ୍ଖଳିତ ଭାବେ ଶେଷ କରିବା ପାଇଁ କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।

### ବାବା ରାମେଶ୍ୱର ମହାଦେବଙ୍କ ବିବାହୋତ୍ସବ ଓ ଶୀତଳଷଷ୍ଠୀରେ ୫ଶହରୁ ଉର୍ଦ୍ଧ୍ୱ ବରଯାତ୍ରୀ

# ପଣା ଓ ଭୋଜିଭାତ ଦେଇ ଆପ୍ୟାୟିତ କଲେ କନ୍ୟାପକ୍ଷ

**ଓଡ଼ଗାଁ,୧୯।୬/ଏନ୍ଏନ୍ଏସ୍:** ଓଡ଼ଗାଁ ବ୍ଲକର ମନ୍ଦିରମାଳିନୀ ଗାଁଭାବେ ପରିଚିତ କୁରାଳ ପାଇକରାୟସାହି ବିରାଜିତ ବାବା ରାମେଶ୍ୱର ମହାଦେବଙ୍କ ପବିତ୍ର ପୀଠରେ ଗୁରୁବାର ଜ୍ୟେଷ୍ଠମାସ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ଦେବଦେବ ମହାଦେବ ଓ ମା'ପାର୍ବତୀ ଦେବୀଙ୍କ ମିଳନପର୍ବ ତଥା ଶୁଭବିବାହ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ମାନବୀୟ ଲୀଳା ପ୍ରଥା ଅନୁଯାୟୀ ଭୋରରୁ କନ୍ୟା ମା'ପାର୍ବତୀଙ୍କ ଚୋରି ଓ ପ୍ରଭୁ ବିଷ୍ଣୁଙ୍କ ମଧ୍ୟସ୍ଥତାରେ ଠାବ କରାଯାଇ ମନ୍ଦିରକୁ ପୁନଃ ଫେରିବା କାର୍ଯ୍ୟ ସରିବାପରେ ଐତିହ୍ୟ ଓ ପରମ୍ପରା ଅନୁଯାୟୀ ଭୋର୍ ୪ଟାରୁ ମଙ୍ଗଳଆଳତୀ ଓ ପ୍ରାତଃରୁ ବାବା ରାମେଶ୍ୱର ମହାଦେବଙ୍କୁ ସେବକମାନେ ଗଙ୍ଗାଜଳରେ ସ୍ନାନ କରିବା ପରେ ପରମ୍ପରା ଅନୁଯାୟୀ ସମସ୍ତକାର୍ଯ୍ୟ ସମ୍ପନ୍ନ ହୋଇଥିଲା।

ମଧ୍ୟାହ୍ନରେ ଖେଚୁଡ଼ି ଭୋଗଲାଗି ପରେ ବିବାହକାର୍ଯ୍ୟ ଆରମ୍ଭ କରାଯାଇ ମା' ପାର୍ବତୀଙ୍କୁ ଏକ ସୁସିତ ବିମାନରେ ବେଢା ପରିକ୍ରମାକରି ବିବାହ ମଣ୍ଡପରେ ବସାଯିବା ପରେ ବାବା ରାମେଶ୍ୱର ମହାଦେବଙ୍କୁ ସୁସିତ ବିମାନରେ ବିଜେକରାଇ ଘଣ୍ଟ, ଘଣ୍ଟା ବାଜା, ବାଣ ଓ ହୁଳହୁଳିରେ ବେଢ଼ା ପରିକ୍ରମା ସହିତ ନଗର ପରିକ୍ରମା



କରାଯାଇଥିଲା। ପରେ ବିବାହ ମଣ୍ଡପକୁ ନେଇ ହୋମଯଜ୍ଞ ସହ ବୈଦିକ ରୀତିନୀତି ଅନୁଯାୟୀ ଦେବଦମ୍ପତିଙ୍କ ବିବାହ ମହୋତ୍ସବ ବରିଷ୍ଠ ପୁରୋହିତ ନିରଞ୍ଜନ ତ୍ରିପାଠୀ ଓ ଶକ୍ତିପ୍ରସାଦ ମହାପାତ୍ରଙ୍କ ଦ୍ୱାରା ସମ୍ପନ୍ନ କରାଯାଇଥିଲା। ବିବାହ ସମ୍ପନ୍ନପରେ ଦେବଦମ୍ପତି ଗଇଁଠାଳ ବନ୍ଧାସହ ମନ୍ଦିରକୁ ପାଛୋଟି ନେଇଥିଲେ। ଏହି ମହାନ ପାରମ୍ପରିକ ବିବାହ ଉତ୍ସବରେ ବରପିତା ଭାବେ ରାମେଶ୍ୱର ମହାଦେବଙ୍କ ସେବକ ଦେବରାଜ ପଣ୍ଡା ଓ କନ୍ୟାପିତା ଭାବେ ରମେଶ ଚନ୍ଦ୍ର ପଣ୍ଡା ନିଜର ଦାୟିତ୍ୱ ତୁଲାଇଥିଲେ। ସନ୍ଧ୍ୟାରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସନ୍ତୋଷ ତ୍ରିପାଠୀ, ନିରଞ୍ଜନ ତ୍ରିପାଠୀ, ବିଷ୍ଣୁପ୍ରସାଦ ତ୍ରିପାଠୀ, ପଣ୍ଡିତ ପ୍ରଦୀପ୍ତ ଦାସ ତପନ ତ୍ରିପାଠୀ, ଶ୍ରୀଧର ଆଚାର୍ଯ୍ୟ ଓ ବୁଲୁ ଆଚାର୍ଯ୍ୟ ପ୍ରମୁଖ ବେଦଜ୍ଞ ବ୍ରାହ୍ମଣ ମାନଙ୍କ ମନ୍ତ୍ରୋଚ୍ଚାରଣ ଓ ଶ୍ଳୋକପାଠ ପୂର୍ବକ ବାହାଘର ବରଯାତ୍ରୀଦଳ ବାଜାବାଣ ରୋଷଣି ସହିତ ଦଧିବାମନ ଜିଉଙ୍କ ମନ୍ଦିର ପର୍ଯ୍ୟନ୍ତ ଶୋଭାଯାତ୍ରାରେ ଯାଇ ଫେରିବା ପରେ ରାମେଶ୍ୱର ମହାଦେବଙ୍କ ମନ୍ଦିରଠାରେ ପଣାପାଣି ଓ ଭୋଜିଭାତର ଆୟୋଜନ କରାଯାଇଥିଲା। ସରପଞ୍ଚ ବିଜନ ପାଇକରାୟ, ମନ୍ଦିର ଟ୍ରଷ୍ଟି ସୁରେଶ ପ୍ରଧାନ, ନବୀନ ସାହୁ ପରିଚାଳନା କରିଥିବାବେଳେ ଯଶୋବନ୍ତ ବଳିୟାର ସିଂ, ପ୍ରସନ୍ନ ସାମନ୍ତସିଂହାର, ର୍ଥୁନ ସାମନ୍ତରାୟ, ଲୁନା ସାହୁ, କୈଳାଶ ଖଟେଇ, କାହ୍ନୁ ଖଟେଇ, ପିଣ୍ଟୁ ପାତ୍ର, ଅର୍ଜୁନ ସାହୁ, ଭରତ ପରିଡ଼ା, ବ୍ରଜବନ୍ଧୁ ବଳିୟାର ସିଂ, ପ୍ରକାଶ ଡାକୁଆ, ଶଙ୍କର ସ୍ୱାଇଁ ଓ ଜଗନ ଘଡେଇଙ୍କ ସମେତ ସାହିର ସମସ୍ତ ସାହିବାସିନ୍ଦା ଓ ଯୁବଗୋଷ୍ଠୀ ସହଯୋଗ କରିଥିଲେ। ବରଯାତ୍ରୀ ଦଳରେ ୫୦୦ରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ସାମିଲଥିବା ଦେଖିବାକୁ ମିଳିଥିଲା।

## କୁମାରବସ୍ତରେ ଶୀତଳଷଷ୍ଠୀ ଓ ଶିବବିବାହ ଉତ୍ସବ

**ଖୋର୍ଦ୍ଧା,୧୯।୬/ଏନ୍ଏନ୍ଏସ୍:** ଖୋର୍ଦ୍ଧା ନିକଟବର୍ତ୍ତୀ କୁମାରବସ୍ତ ଗ୍ରାମସ୍ଥିତ ଶ୍ରୀ ଶ୍ରୀ ଲୋକନାଥ ଦେବଙ୍କ ପବିତ୍ର ପୀଠରେ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଭକ୍ତି, ଶ୍ରଦ୍ଧା ଓ ଉତ୍ସାହର ସହିତ ଶୀତଳ ଷଷ୍ଠୀ ଅବସରରେ ପ୍ରଭୁ ଶିବ ଓ ମା' ପାର୍ବତୀଙ୍କ ଐତିହାସିକ ଦିବ୍ୟ ବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ପବିତ୍ର ଧାର୍ମିକ ଉତ୍ସବରେ ହଜାର ହଜାର ଶ୍ରଦ୍ଧାଳୁ ଓ ଭକ୍ତଙ୍କ ସମାଗମରେ ସମଗ୍ର ଅଞ୍ଚଳ ଭକ୍ତିମୟ ପରିବେଶରେ ମୁଖରିତ ହୋଇଉଠିଥିଲା। ପୁରାଣ ବର୍ଣ୍ଣିତ ପରମ୍ପରା ଅନୁଯାୟୀ ଭଗବାନ ଶିବ ଓ ମା' ପାର୍ବତୀଙ୍କ ବିବାହକୁ ଆଧାର କରି ଆୟୋଜିତ ଏହି ମହୋତ୍ସବରେ ଶିବ ବରଯାତ୍ରା ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା। ବାଦ୍ୟ, ଘଣ୍ଟ, ଶଙ୍ଖଧ୍ୱନି ଓ ହରିବୋଲ ଧ୍ୱନିରେ ସମଗ୍ର ପରିବେଶ ପ୍ରକମ୍ପିତ ହୋଇଥିଲା। ରଙ୍ଗୀନ ଆଲୋକମାଳା ଓ ଫୁଲରେ ସୁସଜ୍ଜିତ ମନ୍ଦିର ପରିସର ଭକ୍ତମାନଙ୍କୁ ଆକର୍ଷିତ କରିଥିଲା। ଶିବ ବିବାହର ସମସ୍ତ ବୈଦିକ ନୀତିକାନ୍ତି ଓ ପୂଜାର୍ଚ୍ଚନା ପୁରୋହିତମାନଙ୍କ ଦ୍ୱାରା ସମ୍ପନ୍ନ ହୋଇଥିଲା। ବର ଓ କନ୍ୟା ପକ୍ଷର ଭୂମିକାରେ ଗ୍ରାମବାସୀମାନେ ସାମିଲ ହୋଇ ପରମ୍ପରାକୁ ଜୀବନ୍ତ ରଖିଥିଲେ। ବିବାହ ମଣ୍ଡପରେ ହୋମ, ଯଜ୍ଞ, ମନ୍ତ୍ରୋଚ୍ଚାରଣ ଓ ମଙ୍ଗଳାଷ୍ଟକ ମଧ୍ୟରେ ଦେବାଦିଦେବ ମହାଦେବ ଓ ମା' ପାର୍ବତୀଙ୍କ ବିବାହ ସମ୍ପନ୍ନ ହେବା ପରେ ଉପସ୍ଥିତ ଭକ୍ତମାନେ ଆଧ୍ୟାତ୍ମିକ ଆନନ୍ଦ ଅନୁଭବ କରିଥିଲେ। ଏହି ଅବସରରେ ଭଜନ, କୀର୍ତ୍ତନ, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଆଖପାଖ ଅଞ୍ଚଳର ବହୁ ଭକ୍ତ, ଶ୍ରଦ୍ଧାଳୁ ଓ ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ରହି ଏହି ମହାନ ଧାର୍ମିକ ଉତ୍ସବରେ ସାମିଲ ହୋଇଥିଲେ। ଗ୍ରାମବାସୀ ଓ ଉତ୍ସବ କମିଟିର ସକ୍ରିୟ ସହଯୋଗରେ ଅନୁଷ୍ଠିତ ଏହି ଶୀତଳ ଷଷ୍ଠୀ ଓ ଶିବ ବିବାହ ଉତ୍ସବ କେବଳ ଏକ ଧାର୍ମିକ କାର୍ଯ୍ୟକ୍ରମରେ ସୀମିତ ନରହି ଭ୍ରାତୃତ୍ୱ, ସାମାଜିକ ସଦଭାବ ଓ ସାଂସ୍କୃତିକ ଏକତାର ବାର୍ତ୍ତା ପ୍ରଦାନ କରିଥିଲା। ଭକ୍ତମାନଙ୍କ ବିଶ୍ୱାସ ଅନୁସାରେ ଏହି ଦିବ୍ୟ ବିବାହ ଦର୍ଶନ କଲେ ସୁଖ, ଶାନ୍ତି ଓ ସମୃଦ୍ଧି ଲାଭ ହୋଇଥାଏ। ଏହି କାରଣରୁ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଉତ୍ସବରେ ଅପାର ଜନସମାଗମ ଦେଖିବାକୁ ମିଳିଥିଲା। ସମଗ୍ର କାର୍ଯ୍ୟକ୍ରମ ଶୃଙ୍ଖଳିତ ଭାବେ ସମ୍ପନ୍ନ ହୋଇଥିବା ବେଳେ ଭକ୍ତମାନେ 'ହର୍ ହର୍ ମହାଦେବ' ଧ୍ୱନିରେ ପରିବେଶ ଭକ୍ତିମୟ କରିଦେଇଥିଲେ।

## ଶିବ ବିବାହ ଓ ଶୀତଳ ଷଷ୍ଠୀ ମହୋତ୍ସବ ଉଦ୍‌ଯାପିତ




**ସାଲେପୁର,୧୯।୬/ଏନ୍ଏନ୍ଏସ୍:** ସାଲେପୁର ବ୍ଲକ ଅନ୍ତର୍ଗତ ଗୋପୀନାଥପୁରସ୍ଥିତ ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱର ମହାଦେବ ମନ୍ଦିର ପରିସରରେ ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱର ପୀଠ ଉନ୍ନୟନ, ସେବା ସମିତି ଓ ଟ୍ରଷ୍ଟ ବୋର୍ଡର ମିଳିତ ଆନୁକୂଲ୍ୟରେ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାରଙ୍କ ସହଯୋଗରେ ଶିବ ବିବାହ ଓ ଶୀତଳ ଷଷ୍ଠୀ ମହୋତ୍ସବ–୨୦୨୬ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ମହୋତ୍ସବ ଅବସରରେ ଭଗବାନ ଶିବ ଓ ମାତା ପାର୍ବତୀଙ୍କ ଦିବ୍ୟ ବିବାହ ଉତ୍ସବ ପାରମ୍ପରିକ ରୀତିନୀତି ଅନୁଯାୟୀ ସମ୍ପନ୍ନ ହୋଇଥିଲା। ବର ପିତାମାତା ଭାବେ ସୁବାସ ଚନ୍ଦ୍ର ପଣ୍ଡା ଓ ସ୍ୱର୍ଣ୍ଣଲତା ପାଣି ଏବଂ କନ୍ୟା ପିତାମାତା ଭାବେ ଅମୀୟ ରଞ୍ଜନ ଦାଶ ଓ ସାବିତ୍ରୀ ଦାଶ ଦାୟିତ୍ୱ ନିର୍ବାହ କରିଥିଲେ। ବେଦମନ୍ତ୍ର ଓ ପାରମ୍ପରିକ ବିଧିବିଧାନ ମଧ୍ୟରେ ସମ୍ପନ୍ନ ଏହି ଦିବ୍ୟ ବିବାହ ଉତ୍ସବ ଦର୍ଶନ ପାଇଁ ବହୁ ସଂଖ୍ୟକ ଶ୍ରଦ୍ଧାଳୁ ଓ ଭକ୍ତଙ୍କ ସମାଗମ ହୋଇଥିଲା। ଏହି ଅବସରରେ ଆୟୋଜିତ ସାଂସ୍କୃତିକ ସନ୍ଧ୍ୟାରେ ଓଡ଼ିଶାର ସମୃଦ୍ଧ କଳା, ସଂସ୍କୃତି ଓ ଲୋକପରମ୍ପରାକୁ ଆଧାର କରି ବିଭିନ୍ନ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଅଂଶଗ୍ରହଣକାରୀ କଳାକାରମାନେ ନିଜର ଉଲ୍ଲେଖନୀୟ ପ୍ରତିଭା ପ୍ରଦର୍ଶନ କରି ଦର୍ଶକମାନଙ୍କର ଭୂୟସୀ ପ୍ରଶଂସା ଲାଭ କରିଥିଲେ। ସେମାନଙ୍କୁ ଆୟୋଜକ ମଣ୍ଡଳୀ ପକ୍ଷରୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଉକ୍ତ ମହୋତ୍ସବ ପରିଚାଳନାରେ ଅନୁଷ୍ଠାନ ପକ୍ଷରୁ ଅମୂଲ୍ୟ କୁମାର ଦାଶ, ଜ୍ୟୋତିର୍ମୟୀ ମିଶ୍ର, ବିଷ୍ଣୁ ଚରଣ ମହାନ୍ତି, ମହେଶ୍ୱର ସାହୁ, ଦିଲ୍ଲୀପ କୁମାର ଲେଙ୍କା, ମାଧବାନନ୍ଦ ବାରିକ, ବିଷ୍ଣୁ ଚରଣ ସାହୁ, ଦୁଃଶାସନ ରାଉତ, ହୃଷିକେଶ ମହାରଣା, ବିଶ୍ୱରଞ୍ଜନ ସାହୁ, କମଳାକାନ୍ତ ସାହୁ, ଉମାଶଙ୍କର ରାଉତ, ପ୍ରସନ୍ନ କୁମାର ପାତ୍ର, ଭରତ ଦାସ, ମାଧବାନନ୍ଦ ରାଉତ, ଶିବ ବେହେରା, ଅନିଲ ରାଉତ ଓ ବିଭୂତି ସେଠୀଙ୍କ ସମେତ ଗ୍ରାମବାସୀମାନେ ସକ୍ରିୟ ସହଯୋଗ କରିଥିଲେ।

## ମହାବିଦ୍ୟାଳୟର ବହୁମୁଖୀ ପ୍ରକୋଷ୍ଠ ଉଦ୍‌ଘାଟିତ



**ଚିଲିକା,୧୯।୬/ଏନ୍ଏନ୍ଏସ୍:** ରାଜ୍ୟ ସରକାରଙ୍କ ଆଇନ, ପୂର୍ତ୍ତ ଓ ଅବକାରୀ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଦ୍ୱାରା ନାଚୁଣୀ ମହାବିଦ୍ୟାଳୟରେ ୬୦ଲକ୍ଷ ଟଙ୍କାରେ ନବନିର୍ମିତ ବହୁମୁଖୀ ପ୍ରକୋଷ୍ଠର ଶୁଭ ଉଦଘାଟନ କରିବା ସହିତ ୭କୋଟୀ ୪୦ଲକ୍ଷ ଓ ୭୦ହଜାର ଟଙ୍କାରେ ନିର୍ମିତ ହେବାକୁ ଥିବା ପ୍ରସ୍ତାବିତ ମହାବିଦ୍ୟାଳୟର ବହୁମୁଖି ସମୂହ ଭବନ ସମେତ ୧କୋଟୀ ଟଙ୍କାରେ ପରିସୀମା ସୁରକ୍ଷା ପ୍ରାଚୀରର ନିର୍ମାଣ କାର୍ଯ୍ୟାରମ୍ଭ ପାଇଁ ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ। ଏହି ଅବସରରେ ଅଧ୍ୟକ୍ଷ ଡ଼ଃ ସୁନିଲ୍ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ସହିତ ମହାବିଦ୍ୟାଳୟର ପ୍ରତିଷ୍ଠାତା ତଥା ପ୍ରାକ୍ତନ ଚିଲିକା ବିଧାୟକ ଡାକ୍ତର ବିଭୁତି ଭୂଷଣ ହରିଚନ୍ଦନ, ଆମନ୍ତ୍ରିତ ଅତିଥି ଭାବେ ବାଣପୁର ବ୍ଲକ ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହ, ଜିଲ୍ଲାପରିଷଦ ସଭ୍ୟା ରୋଜିତା ପ୍ରଧାନ, ନାଚୁଣୀ ସରପଞ୍ଚ ସ୍ୱପ୍ନାଞ୍ଜଳି ପଲାଇ ଓ ସମିତି ସଭ୍ୟ ବିରଞ୍ଚି ରାଉତ, ଚିଲିକା ବ୍ଲକର ଅଧ୍ୟକ୍ଷା ଜ୍ୟୋସ୍ନା ବେହେରା, ପ୍ରାକ୍ତନ ଅଧ୍ୟକ୍ଷ ଲଳିତ ମୋହନ ପଟ୍ଟନାୟକ, ଉପାଧ୍ୟକ୍ଷ ଅରୁଣ କୁମାର ପଟ୍ଟନାୟକ ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଚିଲିକା ବାଣପୁର ବ୍ଲକର ଜନପ୍ରତିନିଧି, ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଯୋଗଦେଇଥିଲେ। ଏଥିରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା, ଅଣଶିକ୍ଷକ କର୍ମଚାରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ରହି ସହଯୋଗ ପ୍ରଦାନ କରିଥିଲେ।

## ବିଜେପି କର୍ମୀ ବୈଠକରେ ସଭାପତି ନିର୍ବାଚିତ

**ନୟାହାଟ,୧୯।୬/ଏନ୍ଏନ୍ଏସ୍:** ନୟାହାଟ ଫାଣ୍ଡି ଅନ୍ତର୍ଗତ ପାଣିଛତ୍ର ନିକଟରେ ଥିବା ଶ୍ରିହରି କଲ୍ୟାଣୀ ମଣ୍ଡପଠାରେ ୧୪ ପଞ୍ଚାୟତ ବିଜେପି କର୍ମୀମାନଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ନୟାହାଟ ମଣ୍ଡଳ ସଭାପତି ଭାବେ କେଦାର ସାହୁଙ୍କୁ ନିର୍ବାଚିତ କରାଯାଇଥିଲା। ବୈଠକରେ ହଜାରରୁ ଉର୍ଦ୍ଧ୍ୱ କର୍ମୀ ଯୋଗଦେଇଥିଲେ। ବିଶ୍ୱରଂଜନ ଦଳାଇଙ୍କ ନେତୃତ୍ୱରେ ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ରଣନୀତି ପ୍ରସ୍ତୁତ କରାଯାଇଥିଲା। ଏହି ବୈଠକରେ ନୂତନ ପରିଚାଳନା କମିଟି ଗଠନ କରାଯିବା ସହ ମଙ୍ଗଳା ପ୍ରସାଦ ସାମନ୍ତରାୟ, ଭବାନୀ ଶଙ୍କର ମହାନ୍ତି, ପ୍ରେମାନନ୍ଦ ପାତ୍ର, ଅନନ୍ତ ସାହୁ, ରଞ୍ଜନ କୁମାର ପାତ୍ର, ଚନ୍ଦ୍ରମଣି ତ୍ରିପାଠୀ, ରଘୁନାଥ ବିଶ୍ୱାଳ, ସମିତି ସଭ୍ୟ ପ୍ରଫୁଲ୍ଲ ସ୍ୱାଇଁ, ପୂର୍ବତନ ସରପଞ୍ଚ ବାବୁଲାଲ ସ୍ୱାଇଁ, ଜୟନ୍ତ ସେଠ, ଆଖୟ ମହାନ୍ତି, ସୁଶାନ୍ତ କୁମାର ପରିଡ଼ା ପ୍ରମୁଖ ଯୋଗଦେଇଥିଲେ। ପ୍ରଭାତ ପାତ୍ର ସଭାପତିତ୍ୱ କରିଥିବା ବେଳେ ଭାଗିରଥି ଦଳାଇ ମଞ୍ଚ ପରିଚାଳନା କରିଥିଲେ।

### ରାଇସମିଲ୍ ଉପରେ ଲଗାମ ନାହିଁ, ତ୍ରାହି ତ୍ରାହି ଡାକୁଛନ୍ତି ଅଞ୍ଚଳବାସୀ

# ସାରା ଅଞ୍ଚଳକୁ ଗ୍ରାସ କରୁଛି ବିଷାକ୍ତ ଧୂଆଁ

**ଓଡ଼ଗାଁ,୧୯।୬/ଏନ୍ଏନ୍ଏସ୍:** ଓଡ଼ଗାଁ ଅଞ୍ଚଳରେ ମାଳମାଳ ରାଇସମିଲ୍ ଗଢି ଉଠିଥିବା ବେଳେ ଧୂଆଁ କିନ୍ତୁ ନିୟନ୍ତ୍ରଣ ବାହାରକୁ ଚାଲିଯାଇଛି।ଦିନରାତି ରାଇସମିଲ୍‌ରୁ ନିର୍ଗତ ବିଷାକ୍ତଧୂଆଁ ଉପରେ କାହାରି ଲଗାମ ରହୁନି। ଲୋକମାନେ ଅସ୍ତବ୍ୟସ୍ତ ହୋଇଯିବା ଆସିବା କରୁଥିବାବେଳେ ସାରାଅଞ୍ଚଳ ଧୂଆଁମୟ ହୋଇପଡୁଛି। ସରକାରଙ୍କ ପରିବେଶ ସୁରକ୍ଷା ଚିନ୍ତା କେବଳ କାଗଜକଲମରେ ସୀମିତବୋଲି ଚର୍ଚ୍ଚା ହେଉଛି। ଓଡ଼ଗାଁ ବ୍ଲକ୍ ଅନ୍ତର୍ଗତ ଶରଣକୁଳ କଟରାଝରି ବନ୍ଧଠାରେ ଥିବା ବଜରଙ୍ଗୀ ରାଇସମିଲରୁ ବାହାରୁଥିବା ଧୂଆଁ ଏବେ ସମସ୍ତଙ୍କପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି। ସରକାରୀ ନିୟମ କହୁଛି କଳ, କାରଖାନା କରିବା ପୂର୍ବରୁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ର ଅନୁମତି ଆବଶ୍ୟକ ପଡ଼ିଥାଏ। ପରିବେଶ ମଞ୍ଜୁରି ଅନୁମତି ମିଳିବାପରେ କଳ କିମ୍ୱା କାରଖାନା କାର୍ଯ୍ୟକ୍ଷମହେବ। କିନ୍ତୁ କେତେ ଟନ ଦିନକୁ ଚାଲୁହେବ ଏଥିପାଇଁ କି କି ପ୍ରକାର ଯନ୍ତ୍ର ଅବଲମ୍ୱନ କରିବାକୁ ପଡ଼ିବ ତାହା ପ୍ରଦୂଷଣ ବୋର୍ଡ଼ ଅନୁମତି ପ୍ରମାଣ ପତ୍ରରେ ଦର୍ଶାଯାଇଛି। ପ୍ରଦୂଷଣ ବୋର୍ଡ଼ର ଆଇନ୍ କୁ ଫୁଙ୍କରି ମିଲରମାନେ ମନଇଛା କଳ, କାରଖାନା ଚାଲୁକରିବା ସହିତ ଦିନକୁ ଶହଶହ ଟନ



ଧାନ, ଚାଉଳ ଚାଲୁ କରୁଛନ୍ତି। ନୟାଗଡ଼–ଭଞ୍ଜନଗର ରାସ୍ତା କଡ଼ରେ ଥିବା ଏହି ରାଇସମିଲର ବିଷାକ୍ତ ଧୂଆଁ ଏବେ ସାରା ଅଞ୍ଚଳକୁ ପ୍ରଦୂଷଣ କରୁଛି।ଏହା ଦିନକର ଘଟଣା ନୁହଁ ପ୍ରତିଦିନ ହଜାର ହଜାର ଲୋକ ଏହି ରାସ୍ତାଦେଇ ଯିବା ଆସିବା କରିବା ସମୟରେ ବିଷାକ୍ତ ଧୂଆଁର ଶିକାର ହେଉଛନ୍ତି। କାହାର ଆଖି ପୋଡୁଛି ତ ଆଉକିଏ ଶ୍ୱାସରୁଦ୍ଧ ହୋଇ ମେଡ଼ିକାଲରେ ଭର୍ତ୍ତି ହେଉଛନ୍ତି। ସେତିକି ନୁହଁ ଆଖପାଖରେ ଘରକରି ରହିଥିବା ଲୋକମାନେ ଅସ୍ତବ୍ୟସ୍ତ ହୋଇ ତ୍ରାହି ତ୍ରାହି ଡ଼ାକୁଛନ୍ତି। ଏପଟେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ପରିବେଶ ମଞ୍ଜୁରିଦେଇ ମଜାଦେଖୁଛି। ଏହି ରାସ୍ତାଦେଇ ପ୍ରତିଦିନ ନେତା, ମନ୍ତ୍ରୀ ଓ ବଡ଼ବଡ଼ ଅଧିକାରୀ, ଜିଲ୍ଲାପାଳ ଆଦି ଯିବା ଆସିବା କରୁଥିଲେ ମଧ୍ୟ ସବୁଦେଖି ନଦେଖିବାର ଅଭିନୟ କରି ଚାଲିଛନ୍ତି।ସମସ୍ତ ରାଇସମିଲକୁ ଯାଞ୍ଚକରି କେତେ ପରିମାଣର ଧାନ ଚଲାଇବା କଥା କିଭଳି ଭାବେ ଚଲାଯାଉଛି ତାହାର ତଦନ୍ତ କରିବାର ଆବଶ୍ୟକତା ରହିଛି ନଚେତ୍ ଅନେକ ଲୋକ ଏହିବିଷାକ୍ତ ଧୂଆଁରେ ଶ୍ୱାସରୁଦ୍ଧ ହୋଇ ଜୀବନ ହାରିବେବୋଲି କହିଛନ୍ତି। ଏଥିପାଇଁ ପ୍ରଶାସନ ଦାୟୀ ରହିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଧୂଆଁକୁ ରୋକିବା ସମ୍ଭବ ହୋଇନଥିବାରୁ ମିଲର୍ ପ୍ରତି ପ୍ରଶାସନ ଆଖିବୁଜି ଦେଇଛି। ପରିବେଶ ପ୍ରଦୂଷଣ ରୋକିବାକୁ କେଉଁ ଅଧିକାରୀ ଦାୟିତ୍ୱରେ ଅଛନ୍ତି ଓ କେତେଥର ମିଲର ପ୍ରଦୂଷଣ ଯାଞ୍ଚ କରିଛନ୍ତି ତାହାର ତଦନ୍ତ କରିବାକୁ ସ୍ଥାନୀୟ ଲୋକେ ଦାବିକରିଛନ୍ତି। ଏହି ଘଟଣାରେ ଜିଲ୍ଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ମତ୍ସ୍ୟଚାଷ ପଦ୍ଧତି ସମ୍ପର୍କିତ ପ୍ରଶିକ୍ଷଣ ସଚେତନତା

**ସାକ୍ଷୀଗୋପାଳ,୧୯।୬/ଏନ୍ଏନ୍ଏସ୍:** ସାକ୍ଷୀଗୋପାଳ ସ୍ଥିତ ପୁରୀ ଜିଲ୍ଲା କୃଷି ବିଜ୍ଞାନ କେନ୍ଦ୍ରରେ ସତ୍ୟବାଦୀ ବ୍ଲକର ଉନ୍ନତ ମତ୍ସ୍ୟଚାଷ ପଦ୍ଧତି ସମ୍ପର୍କିତ ଏକ ପ୍ରଶିକ୍ଷଣ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସତ୍ୟବାଦୀ ବ୍ଲକର ସହକାରୀ ମତ୍ସ୍ୟ ଅଧିକାରିଣୀ ଲିପିଲତା ଖୁଣ୍ଟିଆ ଅଧ୍ୟକ୍ଷତା କରିଥିଲେ। ବିଡ଼ିଓ ଦେବାଶିଷ ନାୟକ, କେବିକେ ମତ୍ସ୍ୟ ଗବେଷଣା ବୈଜ୍ଞାନିକ ଡ଼. ଅମ୍ବିକା ପ୍ରସାଦ ନାୟକ, ଜିଲ୍ଲାପରିଷଦ ସଭ୍ୟ ରତିକାନ୍ତ ମିଶ୍ର, ସଭ୍ୟା ବିଷ୍ଣୁପ୍ରିୟା ବରାଳ,ଆତ୍ମା ଅଧ୍ୟକ୍ଷ ସୁରେନ୍ଦ୍ର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍ ?ଘାଟନ କରିଥିଲେ। ସତ୍ୟବାଦୀ ବ୍ଲକର ୨୪ଗୋଟି ଗ୍ରାମପଞ୍ଚାୟତରୁ ଆସିଥିବା ଚାଷୀମାନେ ଏଥିରେ ଯୋଗଦେଇଥିଲେ।

ଚାଷୀମାନଙ୍କର ଉନ୍ନତି ମାଧ୍ୟମରେ ସେମାନଙ୍କର ଆୟ ବୃଦ୍ଧି ଶାସନର ମୂଳ ଲକ୍ଷ୍ୟ ଅଟେ। ପୁରୀ ଜିଲ୍ଲାରେ ସରକାର ମାଛ ଚାଷୀମାନଙ୍କ କଲ୍ୟାଣ ପାଇଁ ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି। ବିଭିନ୍ନ ବିକାଶମୂଳକ ଯୋଜନା ଜରିଆରେ ସରକାରୀ ମତ୍ସ୍ୟ ଚାଷୀମାନଙ୍କୁ ସହାୟତା ଯୋଗାଇ



ଦିଆଯାଉଛି। ପୂର୍ବେ ବିଭିନ୍ନ ସରକାରୀ ମାଛଚାଷୀମାନଙ୍କ କଲ୍ୟାଣ ପାଇଁ ଗଠନ କରିଥିବା ବିଭିନ୍ନ ଜନହିତ ମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ସହକାରୀ ମତ୍ସ୍ୟ ଅଧିକାରୀ ଆଲୋଚନା କରିଥିଲେ। ବିଭିନ୍ନ ପ୍ରକାର ମାଛଚାଷ ପ୍ରଣାଳୀ, ଭିନ୍ନ ଭିନ୍ନ ପ୍ରକାର ଆର୍ଥିକ ଅନୁଦାନ ସରକାର ଯୋଗାଇ ଦେଉଛନ୍ତି ବୋଲି କହିଥିଲେ। ମାତ୍ର ସେ ଏହା ମଧ୍ୟ କହିଲେ ସମସ୍ତ ପ୍ରକାର ବୈଜ୍ଞାନିକ ପରାମର୍ଶ ମତ୍ସ୍ୟ ବିଭାଗ ତରଫରୁ ଦିଆଯାଉଛି ବୋଲି କହିଥିଲେ। ମାଛଚାଷୀଙ୍କୁ କମ ଖର୍ଚ୍ଚରେ ଓ ପାରମ୍ପାରିକ ପଦ୍ଧତିକୁ ଆଦରି ଗ୍ରହଣ କରି ଆଧୁନିକ ପଦ୍ଧତିରେ ମାଛଚାଷ ମାଧ୍ୟମରେ ଅଧିକ ଲାଭବାନ ହୋଇ ପାରିବେ ଓ ସେମାନଙ୍କ ଆର୍ଥିକ ଅବସ୍ଥାକୁ ସୁଧାରି ପାରିବେ ବିଡ଼ିଓ ଶ୍ରୀ ନାୟକ ମତବ୍ୟକ୍ତ କରିଥିଲେ। କେବିକେ ର ଫିସରି ସାଇଣ୍ଟିଷ୍ଟ ଅମ୍ବିକା ପ୍ରସାଦ ନାୟକ ମତ୍ସ୍ୟଚାଷୀ ମାନଙ୍କୁ ଉନ୍ନତ ପ୍ରଣାଳୀରେ ମାଛଚାଷ କରି କମ ଖର୍ଚ୍ଚରେ ଅଧିକ ଲାଭବାନ ହୋଇପାରିବେ ବୋଲି କହିଥିଲେ। ସାଗର ମିଶ୍ର, ସୁବ୍ରତ ନନ୍ଦ ଓ ଅକ୍ଷୟ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା ଏବଂ ସଂଯୋଜନା କରିଥିଲେ।

## ଶିବ ବିବାହରେ ସାମିଲ୍ ହୋଇ ଲୋକଙ୍କ ସମସ୍ୟା ଶୁଣିଲେ ନରସିଂହ



**ବଲାଙ୍ଗୀର, ୧୯।୬/ଏନ୍‌ଏନ୍‌ଏସ୍:** ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ଦେଓଗାଁ ବ୍ଲକ୍ ଅନ୍ତର୍ଗତ ସାରସମାଲ ପଞ୍ଚାୟତର ଚୋରମରା, ଜରାସିଂହା ଓ ବଲାଙ୍ଗୀର ବ୍ଲକ୍ ଅନ୍ତର୍ଗତ କଙ୍କରା ଗ୍ରାମରେ ଆୟୋଜିତ ଶୀତଳ ଷଷ୍ଠୀ ମହୋତ୍ସବରେ ଯୋଗ ଦେଇଥିଲେ। ଶ୍ରୀ ମିଶ୍ରଙ୍କ ଗସ୍ତ ଶିବ ପାର୍ବତୀଙ୍କ ବିବାହ ପାଇଁ ଉଦ୍ଦିଷ୍ଟ ଥିଲେ ମଧ୍ୟ ତାଙ୍କୁ ପାଖରେ ପାଇ ଗ୍ରାମବାସୀମାନେ ସେମାନଙ୍କ ଅଭିଯୋଗ ସବୁ ବଖାଣିଥିଲେ। ଧାନମଣ୍ଡିର ଅବ୍ୟବସ୍ଥା, ପିଇବା ପାଣିର ଘୋର ସମସ୍ୟା ଓ ଘନ ଘନ ବିଜୁଳି ବିଭ୍ରାଟ ଯୋଗୁ ଚୋରମରା ଗ୍ରାମବାସୀ ଅସୁବିଧା ଭୋଗ କରୁଛନ୍ତି ବୋଲି ଗାଁ ଲୋକେ ଶ୍ରୀ ମିଶ୍ରଙ୍କୁ ଅବଗତ କରାଇଥିଲେ। ଏହାସହ ବିଧାୟକ ପାଣ୍ଠିରୁ ନିର୍ମିତ ହୋଇଥିବା ଏକ ମଣ୍ଡପର ଷ୍ଟିଲ୍ ବାଡ଼ ନିର୍ମାଣ ଦିଗରେ ଲୋକେ ସାହାଯ୍ୟ ଲୋଡ଼ିଥିଲେ। ଶ୍ରୀ ମିଶ୍ର ସେସବୁର ବନ୍ଦୋବସ୍ତ ଖୁବ୍‌ଶୀଘ୍ର କରାଯିବା ନେଇ ପ୍ରତିଶ୍ରୁତି ଦେଇଥିଲେ। ଏହି ଆଲୋଚନା ସମୟରେ ସାରସମାଲ ସରପଞ୍ଚ ଗୋପାଳ କୃଷ୍ଣ ବାଗ, କଂଗ୍ରେସ୍ ନେତା କାନ୍ତେଶ୍ୱର ପ୍ରଧାନ ଓ ବ୍ଲକ୍ କଂଗ୍ରେସ୍ ସଭାପତି ରାମଜୀ ଚୌଧୁରୀ ଉପସ୍ଥିତ ଥିଲେ। ପରେ ଶ୍ରୀ ମିଶ୍ର ଜରାସିଂହା ଯାଇ ସେଠାରେ ଅନୁଷ୍ଠିତ ହୋଇଥିବା ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

### ଜିଲ୍ଲାପାଳ ଓ ଏସ୍‌ପିଙ୍କ ତ୍ୱରିତ ଉଦ୍ୟମ

## ୫ଲକ୍ଷ ଫେରିପାଇଲେ ବୃଦ୍ଧା



**ବଲାଙ୍ଗୀର, ୧୯।୬/ଏନ୍‌ଏନ୍‌ଏସ୍:** ଅସହାୟ ଓ ଗରିବ ଲୋକଙ୍କ ସହ ବଲାଙ୍ଗୀର ଜିଲ୍ଲା ପ୍ରଶାସନ ସଦାସର୍ବଦା ରହିଛି। ସୁକତେଲ ବୁଡ଼ି ଅଞ୍ଚଳର ଜଣେ ଅସହାୟ ବିସ୍ଥାପିତ ବୃଦ୍ଧାଙ୍କ ମୁହଁରେ ହସ ଫେରାଇ ଜିଲ୍ଲା ପ୍ରଶାସନ ତାହାକୁ ପ୍ରମାଣିତ କରିଛି। ସଦର ଥାନା ଅନ୍ତର୍ଗତ ବଡ଼ ତେଲେନପାଲି ଗ୍ରାମର ବୃଦ୍ଧା ପୁରାଣ ଧରୁଆଙ୍କ ସ୍ୱାମୀଙ୍କ ମୃତ୍ୟୁ ହୋଇଥିବାବେଳେ ପୁଅ ଝିଅ କେହି ନାହାନ୍ତି। ସୁକତେଲ ପ୍ରକଳ୍ପ ବିସ୍ଥାପନ ବାବଦକୁ ମିଳିଥିବା କ୍ଷତିପୂରଣ ଟଙ୍କାକୁ ସେ ବାକି ଜୀବନ ବଞ୍ଚିବା ପାଇଁ ବ୍ୟାଙ୍କରେ ଜମା ରଖିଥିଲେ। ମାତ୍ର କିଛିଦିନ ପୂର୍ବରୁ ଯେତେବେଳେ ବୃଦ୍ଧା ଜଣକ ଟଙ୍କା ଉଠାଇବାକୁ ଯାଇଥିଲେ ତାଙ୍କ ଅଜାଣତରେ ତାଙ୍କ ଆକାଉଣ୍ଟରୁ ଅନ୍ୟ ଏକ ଆକାଉଣ୍ଟକୁ ଟଙ୍କା ସ୍ଥାନାନ୍ତରିତ ହୋଇଥିବା ଜାଣିବାକୁ ପାଇଥିଲେ। ସେ ଏଥିପାଇଁ କୌଣସି ଆବେଦନ କରିନଥିଲେ ମଧ୍ୟ ଚଞ୍ଚକତା କରି କେହି ଦୁର୍ବୃତ୍ତ ତାଙ୍କ ଆକାଉଣ୍ଟରୁ ୫ ଲକ୍ଷ ଟଙ୍କା ଉଠାଇ ନେଇଥିଲା। ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣିରେ ବୃଦ୍ଧା ପୁରାଣ ଏନେଇ ଅଭିଯୋଗ କରିଥିଲେ। ତେବେ ଏହି ସମ୍ବେଦନଶୀଳ ଘଟଣାକୁ ଜିଲ୍ଲାପାଳ ଏବଂ ଏସ୍‌ପି ଗମ୍ଭୀରତାର ସହ ନେଇ ବ୍ୟାଙ୍କ କର୍ତ୍ତୃପକ୍ଷ ଓ ପୁଲିସ୍‌କୁ ତୁରନ୍ତ ଏହାର ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ପ୍ରଶାସନର କଡ଼ା ଆଭିମୁଖ୍ୟ ଓ ତ୍ୱରାନ୍ୱିତ ପଦକ୍ଷେପ ଯୋଗୁ ପୁରାଣ ଶେଷରେ ତାଙ୍କ ସମସ୍ତ ଜମା ପୁଞ୍ଜି ଫେରିପାଇଛନ୍ତି। ଏଭଳି ଜାଲିଆତି ମାମଲାରେ ସଂପୃକ୍ତ ଥିବା ଦୁର୍ବୃତ୍ତଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ଟଙ୍କା ଫେରି ପାଇବା ପରେ ଅସହାୟ ବୃଦ୍ଧା ଜିଲ୍ଲାପାଳ ଓ ଏସ୍‌ପିଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ହାତୀ ଆକ୍ରମଣରେ ମହିଳା ଗୁରୁତର

**ରେଢ଼ାଖୋଲ, ୧୯।୬/ଏନ୍‌ଏନ୍‌ଏସ୍:** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବନଖଣ୍ଡ ଅଞ୍ଚଳରେ ଦିନକୁଦିନ ହାତୀ ଉପଦ୍ରବ ବଢ଼ିବାରେ ଲାଗିଛି। ଉକ୍ତ ବନଖଣ୍ଡର ବଡ଼ବାହାଳ ରେଞ୍ଜ ଅନ୍ତର୍ଗତ କଦଳୀଗଡ଼ ଗ୍ରାମର ଜଣେ ମହିଳା ହାତୀ ଆକ୍ରମଣରେ ଗୁରୁତର ହୋଇଛନ୍ତି। ଗୁରୁତର ଜଣଙ୍କ ହେଲେ ଜୟନ୍ତୀ ନାଗ (୪୮)। ଜୟନ୍ତୀ ଶୁକ୍ରବାର ସକାଳେ ଗାଁ ନିକଟ ଜଙ୍ଗଲକୁ ମହୁଲ ଗଛର ଟୋଲ ଗୋଟାଇବାକୁ ଯାଇଥିବାବେଳେ ସାମ୍ନାପଟୁ ହାତୀ ଆସୁଥିବା ଦେଖିନପାରି ମୁହାଁମୁହିଁ ହୋଇଥିଲେ। ପରେ ତାଙ୍କୁ ହାତୀ ଆକ୍ରମଣ କରିବାରୁ ସେ ଘଟଣାସ୍ଥଳରେ ଗୁରୁତର ଆହତ ହୋଇଥିଲେ। ଏସମ୍ପର୍କରେ ପରିବାର ଲୋକେ ଜାଣିବା ପରେ ତାଙ୍କୁ ଘଟଣାସ୍ଥଳରୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ରେଢ଼ାଖୋଲ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତାଙ୍କ ଗୋଡ଼ ଭାଙ୍ଗି ଯାଇଥିବାବେଳେ ଶରୀରରେ ବହୁ ଆଘାତ ଲାଗିଥିବା ଜଣାପଡ଼ିଛି। ପ୍ରକାଶଥାଉକି ଗତ ମଙ୍ଗଳବାର ହାତୀ ଆକ୍ରମଣରେ ସାନ ନୂଆପଡ଼ା ଗ୍ରାମ ନିକଟରେ ଟାପୁରସିଙ୍ଗା ଗ୍ରାମର ନରେନ୍ଦ୍ର ପ୍ରଧାନଙ୍କ ମୃତ୍ୟୁ ହୋଇଥିଲା। ଫଳରେ ଏହି ହାତୀକୁ ନେଇ ବର୍ତ୍ତମାନ ଅଞ୍ଚଳରେ କୋକୁଆ ଭୟ ସୃଷ୍ଟି ହୋଇଛି। ଏପରିକି ସଞ୍ଜ ନଇଁଲେ କଦଳୀଗଡ଼ ଓ କୁକୁଡ଼ାବାହାଲୀ ପଞ୍ଚାୟତବାସୀ ଭୟରେ ଘରୁ ପଦାକୁ ବାହାରୁନାହାନ୍ତି। ବନ କର୍ମଚାରୀ ନିଜ ଜୀବନକୁ ବାଜି ଲଗାଇ ରାତିସାରା ହାତୀଙ୍କୁ ଘଉଡ଼ାଇବାରେ ଲାଗିଥିଲେ ମଧ୍ୟ ଅମାନିଆ ହାତୀ ଅଞ୍ଚଳ ଛାଡ଼ିବାକୁ ନାରାଜ। ଟର୍ଚ୍ଚ ଆଲୁଅ ଓ ଫଟକା ସାହାଯ୍ୟରେ ହାତୀଙ୍କୁ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଘଉଡ଼ାଇବା ପରିବର୍ତ୍ତେ ଏହାର ସ୍ଥାୟୀ ପ୍ରତିକାର ଦିଗରେ ବନ ବିଭାଗ ଆଦୌ ଗୁରୁତ୍ୱ ଦେଉନଥିବା ମନେ ହେଉଛି। ତେଣୁ ଏ ଦିଗରେ ବନ ବିଭାଗ ଅଧିକାରୀ ଗୁରୁତ୍ୱ ଦେଇ ସ୍ଥାୟୀ ପ୍ରତିକାର ଗ୍ରହଣ କରି ବାକୁ ଦାବି ହେଉଛି।

### ରେଙ୍ଗାଲିରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ

# ପଞ୍ଚାୟତ ଅଫିସ୍‌ରେ ତାଲାବନ୍ଦ ଆନ୍ଦୋଳନ ନିଷ୍ପତ୍ତି

**ବଲାଙ୍ଗୀର, ୧୯।୬/ଏନ୍‌ଏନ୍‌ଏସ୍:** ଦୀର୍ଘଦିନ ଧରି ଶିକ୍ଷକ ଅଭାବ ଯୋଗୁ ଲୋଇସିଂହା ବ୍ଲକ୍ ଅନ୍ତର୍ଗତ ରେଙ୍ଗାଲି ପଞ୍ଚାୟତର ଛାତ୍ରଛାତ୍ରୀମାନେ ଗୁଣାତ୍ମକ ଶିକ୍ଷାରୁ ବଞ୍ଚିତ ହୋଇଆସୁଛନ୍ତି। ୧୯୯୧ ମସିହାରେ ରେଙ୍ଗାଲିରେ ପ୍ରତିଷ୍ଠିତ ପଞ୍ଚାୟତ ଉଚ୍ଚବିଦ୍ୟାଳୟରେ ବର୍ତ୍ତମାନ ମାତ୍ର ଦେଢ଼ ଜଣ ଶିକ୍ଷକଙ୍କ ଭରସାରେ ପାଠପଢ଼ା ଚାଲିଛି। ଜଣେ ନିୟମିତ ଶିକ୍ଷକ ଥିବାବେଳେ ଅନ୍ୟଜଣେ ସପ୍ତାହକୁ କେବଳ ତିନି ଦିନ ଡେପୁଟେସନ୍‌ରେ ଆସୁଛନ୍ତି।

ଏହି ସମସ୍ୟା ସମ୍ପର୍କରେ ଜିଲ୍ଲା ଶିକ୍ଷା ବିଭାଗ, ପ୍ରଶାସନ ଓ ସ୍ଥାନୀୟ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ଆଜିପର୍ଯ୍ୟନ୍ତ କୌଣସି ଠୋସ୍ ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ଫଳରେ ସରକାରୀ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଶିକ୍ଷା ଅଧିକାର ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସବୁଠୁ ଆଶ୍ଚର୍ଯ୍ୟଜନକ ବିଷୟ ହେଲା, ଏହି ସମସ୍ୟାର ତ୍ୱରିତ ସମାଧାନ ପାଇଁ ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟରୁ ନିର୍ଦ୍ଦେଶ ଆସିଥିଲେ ମଧ୍ୟ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଦ୍ୟାଳୟରେ ୩ ଜଣ ଶିକ୍ଷକ କାର୍ଯ୍ୟରତ ଥିବା ନେଇ ତଥ୍ୟ ପ୍ରଦାନ କରାଯାଇଥିବା ଅଭିଯୋଗ ହୋଇଛି। କିନ୍ତୁ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ। ପ୍ରଶାସନ ପକ୍ଷରୁ ଡେପୁଟେସନ୍‌ରେ ନିଯୁକ୍ତ ଜଣେ ଶିକ୍ଷକ ଗତ ବର୍ଷ ନଭେମ୍ବରରେ ଅବସର ଗ୍ରହଣ କରିସାରିଥିବାବେଳେ ତାଙ୍କ ସ୍ଥାନରେ ଆଜିପର୍ଯ୍ୟନ୍ତ କାହାକୁ ନିଯୁକ୍ତି ଦିଆଯାଇ ନାହିଁ। ଏହି ପରିସ୍ଥିତିର ସ୍ଥାୟୀ ସମାଧାନ ଦାବିରେ ଗତ ସୋମବାର ରେଙ୍ଗାଲି ପଞ୍ଚାୟତବାସୀଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ଜୁନ୍ ମାସ ଶେଷ ସୁଦ୍ଧା ପଞ୍ଚାୟତ ଯଦି ଉଚ୍ଚବିଦ୍ୟାଳୟରେ ଅତି କମ୍‌ରେ ୪ ଜଣ ଏବଂ ଏମ୍‌ଇ ସ୍କୁଲ୍‌ରେ ୨ ଜଣ ଶିକ୍ଷକଙ୍କୁ ନିଯୁକ୍ତି ନଦିଏ ତେବେ ଜୁଲାଇ ୧ ତାରିଖରୁ ପଞ୍ଚାୟତ ଅଫିସ୍ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ତାଲାବନ୍ଦ ଓ ଘେରାଉ ଆନ୍ଦୋଳନ ଆରମ୍ଭ କରାଯିବ। ତେଣୁ ଏଭଳି ଏକ ସମ୍ବେଦନଶୀଳ ସମସ୍ୟାର ତୁରନ୍ତ ସମାଧାନ ପାଇଁ ବୁଦ୍ଧିଜୀବୀ, ଅଭିଭାବକ ଓ ସାଧାରଣ ଜନତାଙ୍କ ମହଲରେ ଦୃଢ଼ ଦାବି ଉଠିଛି।



## ମଦ ଦୋକାନ ଭାଙ୍ଗିଲେ ମହିଳା

**ନବରଙ୍ଗପୁର, ୧୯।୬/ଏନ୍‌ଏନ୍‌ଏସ୍:** ନବରଙ୍ଗପୁର ଜିଲ୍ଲାରେ ମଦ ବିରୋଧୀ ଅଭିଯାନ ତୀବ୍ରତର ହୋଇଥିବାବେଳେ ଏହାର ପ୍ରଭାବ ମୈଦଲପୁର ଅଞ୍ଚଳରେ ଦେଖିବାକୁ ମିଳିଛି। ଗାଁ ଗାଁରେ ଆରମ୍ଭ ହୋଇଥିବା ମଦ ବିରୋଧୀ ଆନ୍ଦୋଳନ ଏବେ ଉଗ୍ର ରୂପ ନେବା ସହ ରାଜନୈତିକ କରଣ ପାଲଟିଛି। ଏହାକୁ



ଦୃଷ୍ଟିରେ ରଖି ଶୁକ୍ରବାର ବ୍ଲକ୍‌ର ବିଭିନ୍ନ ପଞ୍ଚାୟତର ଶହ ଶହ ମହିଳା ମୈଦଲପୁରସ୍ଥିତ ଧାନ ମଣ୍ଡି ପଡ଼ିଆରେ ଏକତ୍ରିତ ହୋଇଥିଲେ ଏବଂ ଏକ ସଭାର ଆୟୋଜନ କରାଯାଇଥିଲା। ଉକ୍ତ ସଭାରେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ଉପସ୍ଥିତ ରହି ସେଠାରୁ ଏକ ପଦଯାତ୍ରା କରି ପ୍ରଥମେ ମୈଦଲପୁରସ୍ଥିତ ଦେଶୀ ଭାଟିକୁ ଯାଇ ତାଲା ଭାଙ୍ଗିବାକୁ ଉଦ୍ୟମ କରିଥିଲେ।

ପ୍ରାୟ ୫ ହଜାର ମହିଳା ପୁରୁଷ ହାତରେ ଠେଙ୍ଗାବାଡ଼ି ଧରି ମଦ ଦୋକାନ ଅଭିମୁଖେ ବାହାରିଥିଲେ। ପୁଲିସ୍ ଓ ଅବକାରୀ ବିଭାଗ ତାଲା ନ ଭାଙ୍ଗିବାକୁ ନେହୁରା ହୋଇଥିଲେ ମଧ୍ୟ ମହିଳାମାନେ ତାଲା ଭାଙ୍ଗି ମଦ ଓ ଡ୍ରମ୍ ଗୁଡ଼ିକ ବାହାରକୁ ଆଣି ଭାଙ୍ଗି ନିଆଁ ଲଗାଇଥିଲେ। ସେଠାରୁ ବିଦେଶୀ ଠିପି ବନ୍ଦ ମଦ ଦୋକାନକୁ ଯାଇ ତାଲା ଭାଙ୍ଗି ମଦ ବୋତଲ୍ ଆଣି ଭାଙ୍ଗି ନିଆଁ ଲଗାଇଥିଲେ ମଧ୍ୟ ପ୍ରଶାସନ ଚୁପ୍ ରହିଥିଲା। ଏହି ଅଭିଯାନରେ ମୈଦଲପୁର ଜାତୀୟ ରାଜପଥ ଜନସମୁଦ୍ର ହୋଇଥିବା ଦେଖିବାକୁ ମିଳିଥିଲା।

## ମୁଖ୍ୟ ସଚେତକଙ୍କ ବିଭିନ୍ନ ବିଭାଗର ସମୀକ୍ଷା



**ମାଲକାନଗିରି, ୧୯।୬/ଏନ୍‌ଏନ୍‌ଏସ୍:** ରାଜ୍ୟ ସରକାରଙ୍କ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ ମାଲକାନଗିରି ଜିଲ୍ଲା ଗସ୍ତ କରି କରିଛନ୍ତି। ଏହି ପରିପ୍ରେକ୍ଷୀରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମୁଖ୍ୟ ସଚେତକ ଶ୍ରୀ ପ୍ରଧାନ ବିଭିନ୍ନ ବିଭାଗର ପ୍ରକଳ୍ପ ଅଗ୍ରଗତି ନେଇ ପଚାରି ବୁଝିବା ସହ ବାକି ରହିଥିବା ସମସ୍ତ କାର୍ଯ୍ୟକୁ ସମ୍ପୃକ୍ତ ଠିକାଦାର୍‌ମାନେ ଯଥାଶୀଘ୍ର ଶେଷ କରିବା ପାଇଁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ ନବରଙ୍ଗପୁର ଲୋକସଭା ସାଂସଦ ବଳଭଦ୍ର ମାଝୀ, ମାଲକାନଗିରି ବିଧାୟକ ନରସିଂହ ମାଡ଼କାମୀ, ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବେଦବର ପ୍ରଧାନ, ବନଖଣ୍ଡ ଅଧିକାରୀ ସାଇ କିରଣ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦାଶରଥୀ ସରାବୁ ଓ ପ୍ରାକ୍ତନ ଚିତ୍ରକୋଣ୍ଡା ବିଧାୟକ ଡମ୍ବରୁ ଶିଶା ପ୍ରମୁଖ ଉପସ୍ଥିତ ଥିଲେ। ଏହି ବୈଠକରେ ଶିକ୍ଷା ବିଭାଗ ଅଧୀନରେ ଥିବା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ଜନଜାତି ବିଦ୍ୟାଳୟ ଗୁଡ଼ିକର ସ୍ଥିତି, ହୋଷ୍ଟେଲ୍ ବ୍ୟବସ୍ଥା ଓ ଭିତ୍ତିଭୂମି ଉନ୍ନତିକରଣ ଉପରେ ଗୁରୁତ୍ୱ ଦିଆଯାଇଛି। ଏହାସହ ଏକ ଆୟୁର୍ବେଦିକ ମେଡିକାଲ୍ କଲେଜ ପ୍ରତିଷ୍ଠା ନେଇ ମଧ୍ୟ ଆଲୋଚନା ହୋଇଛି। ବଣ୍ଡା ଓ ଦିଦାୟୀ ଜନଜାତିର ସାମଗ୍ରିକ ବିକାଶ ସହ ଆଦିବାସୀଙ୍କ ଜୀବିକା ନିର୍ବାହର ଉନ୍ନତିକରଣ ପାଇଁ ଆଲୋଚନା କରାଯାଇଛି। ପୂର୍ତ୍ତ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ କାର୍ଯ୍ୟର ତଦାରଖ କରିବା ସହ ବ୍ଲକ୍ ଓ ପଞ୍ଚାୟତ ଗୁଡ଼ିକୁ ନୂଆ ରାସ୍ତା ସଂଯୋଗୀକରଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରଧାନମନ୍ତ୍ରୀ ଜନମନ ଯୋଜନାରେ ପକ୍କା ରାସ୍ତା ନିର୍ମାଣ କରାଯିବ। ଜିଲ୍ଲାରେ ସୁଭଦ୍ରା ଯୋଜନାର ସଫଳ ରୂପାୟନ ସହ ମିଶନ୍ ଶକ୍ତି ମାଧ୍ୟମରେ ମହିଳାଙ୍କୁ ଆତ୍ମନିର୍ଭରଶୀଳ କରି ଲକ୍ଷପତି ଦିଦି ସୃଷ୍ଟି କରିବାକୁ ଲକ୍ଷ୍ୟ ରଖାଯାଇଛି। ପୂର୍ବାହ୍ନରେ ଶ୍ରୀ ପ୍ରଧାନ ମାଲକାନଗିରି ସହର ବସ୍‌ଷ୍ଟାଣ୍ଡ ଓ ମଲ୍ଲିକେଶ୍ୱର ଶିବ ମନ୍ଦିରରେ ସ୍ୱଚ୍ଛ ଭାରତ ମିଶନ୍ କାର୍ଯ୍ୟରେ ଯୋଗ ଦେଇଥିଲେ। କୃଷି ପ୍ରକଳ୍ପ, ମେଗା ପ୍ରକଳ୍ପ, ବିଭିନ୍ନ ବ୍ରିଜ୍, ମେଗା ପାନୀୟଜଳ ପ୍ରକଳ୍ପ (ମାରିଓ୍ୱାଡ଼ା ଓ କିଆଙ୍ଗ), ଏମ୍‌ଭି ୭ ବ୍ରିଜ୍, ଡ୍ୟାମ୍ ଓ କେନାଲ୍ ଅଞ୍ଚଳ ପରିଦର୍ଶନ କରି କାର୍ଯ୍ୟରେ ସନ୍ତୋଷ ବ୍ୟକ୍ତ କରିଛନ୍ତି। ସେହିପରି ମୁଖ୍ୟ ସଚେତକ ଏୟାରପୋର୍ଟ ପରିଦର୍ଶନ କରିବା ସହ ଖୁବ୍‌ଶୀଘ୍ର ଏୟାରଷ୍ଟ୍ରିପ୍ କାର୍ଯ୍ୟକ୍ଷମ ହେବ ବୋଲି ସୂଚନା ଦେଇଛନ୍ତି। ଜୟପୁର-ମାଲକାନଗିରି ରେଳ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ କାର୍ଯ୍ୟ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି ଏବଂ ଆସନ୍ତା ବର୍ଷରୁ ଏହାର ମୁଖ୍ୟ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ସୂଚନା ଦେଇଛନ୍ତି। ଚଳିତ ବର୍ଷ ଜିଲ୍ଲାରେ ୪୧ ହଜାରରୁ ଊର୍ଦ୍ଧ୍ୱ ଚାଷୀଙ୍କଠାରୁ ୧୫ ଲକ୍ଷ କ୍ୱିଣ୍ଟାଲ୍‌ରୁ ଅଧିକ ଅତିରିକ୍ତ ଧାନ କିଣାଯାଇଛି ଏବଂ ଚାଷୀଙ୍କୁ ୮୦୦ ଟଙ୍କା ଇନପୁଟ୍ ସବ୍‌ସିଡି ପ୍ରଦାନ କରାଯାଉଛି। ଏହାସହ ଗରିବ କଲ୍ୟାଣ ଯୋଜନାରେ ଗ୍ରାମାଞ୍ଚଳରେ ୪ ସେଣ୍ଟ ଓ ସହରାଞ୍ଚଳରେ ୨ ସେଣ୍ଟ ଜମି ସରକାର ଯୋଗାଇଦେବେ। ମାଲକାନଗିରି ଏକ 'ସମ୍ଭାବନାର ଜିଲ୍ଲା' ଏବଂ ଏହା ଖୁବ୍‌ଶୀଘ୍ର ଏକ ସମୃଦ୍ଧ ଜିଲ୍ଲା ଭାବେ ବିକାଶର ଧାରାରେ ୧ ନମ୍ବର ସ୍ଥାନ ହାସଲ କରିବ ବୋଲି ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ କହିଛନ୍ତି।

### ବନ୍ଦରାଜ ଫ୍ଲୋଡ୍ ଲାଇଟ୍ ନାଇଟ୍ ସାର୍କିଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

## ଲାଞ୍ଜିକୁ ହରାଇ ଚମ୍ପାଦେଇପୁର ଚାମ୍ପିଅନ୍



**ଲାଞ୍ଜିଗଡ଼, ୧୯।୬/ଏନ୍‌ଏନ୍‌ଏସ୍:** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ୍‌ର ଲାଞ୍ଜି ଗ୍ରାମ ଖେଳ ପଡ଼ିଆରେ ବନ୍ଦରାଜ ବୁଢ଼ା ଫ୍ଲୋଡ୍ ଲାଇଟ୍ ନାଇଟ୍ ସାର୍କିଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପାନୀ ମ୍ୟାଚ୍‌ରେ ମୁଖ୍ୟଅତିଥି ଭାବେ ଲାଞ୍ଜି ସରପଞ୍ଚ ଯମୁନା ମାଝୀ ଓ ସମ୍ମାନିତ ଅତିଥିଭାବେ ଲାଞ୍ଜି ସମିତିସଭ୍ୟ ବେଣୁଧର ବାଗ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁକୁନ୍ଦ ଦୋରା, ଉବୁଜଲାଲ ହରିଜନ, ମଣିଷ ମିଶ୍ର, ବବ୍ରୁବାହାନ ନାୟକ, ମନୋଜ ପରିଛା, ଘାଷି ମାଝୀ, ଜାଗା ସାହା, ସାମ୍ବାଦିକ ଧର୍ମେନ୍ଦ୍ର ପଣ୍ଡା ଓ ତୁଳସୀ ରାମ ପ୍ରଧାନୀ ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଉକ୍ତ ଟୁର୍ଣ୍ଣାମେଣ୍ଟରେ ପାଖ ଅଞ୍ଚଳରୁ ୧୨ଟି ଦଳ ଭାଗ ନେଇଥିଲେ। ଫାଇନାଲ୍ ମ୍ୟାଚ୍ ଲାଞ୍ଜି ଓ ଚମ୍ପାଦେଇପୁର ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଲାଞ୍ଜି ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୬ ଓଭର୍‌ରେ ୬୫ ରନ୍ ସଂଗ୍ରହ କରିବାରେ ସକ୍ଷମ ହୋଇଥିବାବେଳେ ଏହାର ଜବାବରେ ଚମ୍ପାଦେଇପୁର ୬ ଓଭର୍‌ରେ ୨ ୱିକେଟ୍ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ଶୁଭମ୍ ଦାସ ଓ ଧର୍ମରାଜ ବେହେରା ଖେଳ ପରିଚାଳନା କରିଥିବାବେଳେ ସରୋଜ ବିସି ଓ ବୀରେନ୍ଦ୍ର ପୂଝାରୀ ଧାରା ବିବରଣୀ ପ୍ରଦାନ କରିଥିଲେ। ସଞ୍ଜୟ ପାତ୍ର ସ୍କୋର ବୋର୍ଡ ଦାୟିତ୍ୱ ତୁଲାଇଥିଲେ। ଏହି ମ୍ୟାଚ୍‌ରେ ବିଜେତାଙ୍କୁ ନଗଦ ଅର୍ଥ ରାଶି ସହିତ ଟ୍ରଫି ଏବଂ ଉପବିଜେତା ଦଳକୁ ନଗଦ ଅର୍ଥରାଶି ସହିତ ଟ୍ରଫି ପ୍ରଦାନ କରାଯାଇଥିଲା। ମେନ୍ ଅଫ୍ ଦି ସିରିଜ୍ ଭାବେ ରାଜେଶ ନାୟକ ବିବେଚିତ ହୋଇଥିଲେ।

### ରୋଜଗାର ଯୋଗାଉଛି 'ମିଶନ୍ ଶକ୍ତି'

## ମହିଳାଙ୍କୁ ସ୍ୱାବଲମ୍ବୀ କରାଉଛି ହଳଦୀ ଚାଷ



**ରାୟଗଡ଼ା, ୧୯।୬/ଏନ୍‌ଏନ୍‌ଏସ୍:** ଏକ ସମୟରେ ପେଟପାଟଣା ପାଇଁ ଅନ୍ୟ ଘରେ ମଜୁରି ଲାଗିବାକୁ ବାଧ୍ୟ ହେଉଥିବା ଗାଁର ମହିଳାମାନେ ଏବେ ସମୟର ସ୍ରୋତ ସହିତ ନିଜ ଜୀବନକୁ ନୂଆ ଦିଗ ଦେଉଛନ୍ତି। ଦୃଢ଼ ଇଚ୍ଛାଶକ୍ତି ଓ ସମୂହ ଉଦ୍ୟମ ଫଳରେ ସେମାନେ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରି ଦିନମଜୁରିଆରୁ ହଳଦୀ ଚାଷୀରେ ପରିଣତ ହୋଇଛନ୍ତି। ବର୍ତ୍ତମାନ ସେମାନେ ବାର୍ଷିକ ଲକ୍ଷାଧିକ ଟଙ୍କା ଆୟ କରିବାର ଲକ୍ଷ୍ୟ ନେଇ ଆଗକୁ ବଢୁଛନ୍ତି। ଏହି ପରିବର୍ତ୍ତନରେ 'ମିଶନ୍ ଶକ୍ତି' ମୁଖ୍ୟ ଭୂମିକା ଗ୍ରହଣ କରିଛି। ରାୟଗଡ଼ା ଜିଲ୍ଲାର ରାମନାଗୁଡ଼ା ବ୍ଲକ୍ ଏକ ଆଦିବାସୀ ପ୍ରଧାନ ଅଞ୍ଚଳ। ପୂର୍ବରୁ ଏଠାରେ ଲୋକମାନେ ଧାନ, କପା ଓ ପରିବା ଚାଷ ଉପରେ ନିର୍ଭର କରୁଥିଲେ। କିନ୍ତୁ ବର୍ତ୍ତମାନ ଆଦିବାସୀ ମହିଳାଙ୍କ ଜୀବନ ଜୀବିକାରେ ଲକ୍ଷଣୀୟ ପରିବର୍ତ୍ତନ ଆସିଛି। ସେମାନେ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରି ଆତ୍ମନିର୍ଭର ହୋଇପାରିଛନ୍ତି। ୨୦୧୮ ମସିହାରେ ଗ୍ରାମର ୧୦ ଜଣ ମହିଳା ମିଶି 'ମା ଠାକୁରାଣୀ ସ୍ୱୟଂ ସହାୟକ ଗୋଷ୍ଠୀ' ଗଠନ କରିଥିଲେ। ପ୍ରାରମ୍ଭରେ ସେମାନେ ତେନ୍ତୁଳି, ଝାଡୁ ଓ ମାଣ୍ଡିଆ ଆଦି ସଂଗ୍ରହ କରି ବିକ୍ରି କରୁଥିଲେ କିନ୍ତୁ ଏଥିରେ ଆଶାନୁସାରେ ସଫଳତା ମିଳିଲାନି। ପରେ କିଛି ଭିନ୍ନ କରିବାର ଉଦ୍ୟମରେ ସେମାନେ 'ମିଶନ୍ ଶକ୍ତି' ସହ ସଂଯୋଗ ସ୍ଥାପନ କରିଥିଲେ। ମିଶନ୍ ଶକ୍ତିର ପ୍ରୋତ୍ସାହନ ଓ କୃଷି ବିଭାଗର ସହଯୋଗରେ ସେମାନେ ପ୍ରଥମଥର ପାଇଁ ଅଞ୍ଚଳରେ ହଳଦୀ ଚାଷ ଆରମ୍ଭ କରିଛନ୍ତି। ଗ୍ରାମର ଜଣେ ବ୍ୟକ୍ତିଙ୍କ ପ୍ରାୟ ୭ ଏକର ଜମିକୁ ଲିଜ୍‌ରେ ନେଇ ଚାଷ କାମ ଆରମ୍ଭ କରାଯାଇଛି। ଏଥିପାଇଁ ସ୍ଥାନୀୟ ବ୍ୟାଙ୍କରୁ ୬ ଲକ୍ଷ ଟଙ୍କାରୁ ଅଧିକ ଋଣ ନେଇଥିବା ସୂଚନା ମିଳିଛି। ବର୍ତ୍ତମାନ ସେମାନଙ୍କ କ୍ଷେତରୁ ପ୍ରଚୁର ପରିମାଣରେ ହଳଦୀ ଉତ୍ପାଦନ ହେଉଛି ଏବଂ ବଜାରରେ ବିକ୍ରି କରି ଭଲ ଆୟ କରିବାର ଆଶା ରଖିଛନ୍ତି। ଏ ନେଇ ମିଶନ୍ ଶକ୍ତି ବ୍ଲକ୍ କୋର୍ଡିନେଟର୍ ଜୟନ୍ତ ସେଠୀ କହିଛନ୍ତି ଯେ ଗୋଷ୍ଠୀ ଗଠନ ପୂର୍ବରୁ ଏହି ମହିଳାମାନେ ଦିନମଜୁରି କରି ଚଳୁଥିଲେ। ବର୍ତ୍ତମାନ ହଳଦୀ ଚାଷ ମାଧ୍ୟମରେ ସେମାନେ ଆତ୍ମନିର୍ଭର ହେଉଛନ୍ତି। ଆଗାମୀ ଦିନରେ ବଜାରୀକରଣ ସହିତ ତାଙ୍କ ଆର୍ଥିକ ସ୍ଥିତି ଆହୁରି ସୁଦୃଢ଼ କରିବା ପାଇଁ ପଦକ୍ଷେପ ନିଆଯିବ। ବାସ୍ତବରେ ଏହି ଆଦିବାସୀ ମହିଳାଙ୍କ ଉଦ୍ୟମ ଓ ସଫଳତା ଅନ୍ୟ ମହିଳାଙ୍କ ପାଇଁ ଏକ ପ୍ରେରଣାଦାୟକ ହୋଇଛି।

## ଆମ୍ବାଗୁଡ଼ା ଫାଣ୍ଡି ନିମନ୍ତେ ଚାରି ଚକିଆ ଯାନ ଯୋଗାଇବାକୁ ଦାବି



**ଜୟପୁର, ୧୯।୬/ଏନ୍‌ଏନ୍‌ଏସ୍:** ଜୟପୁର ସଦର ଥାନା ଅନ୍ତର୍ଗତ ଆମ୍ବାଗୁଡ଼ା ଫାଣ୍ଡି ନିମନ୍ତେ ଏକ ଚାରି ଚକିଆ ଯାନ ଯୋଗାଇବାକୁ ଦାବି ହୋଇଛି। ଏନେଇ ଜୟପୁର ଉପଜିଲ୍ଲାପାଳଙ୍କୁ ସମାଜସେବୀ ବି ହରି ରାଓ ଦାବିପତ୍ର ପ୍ରଦାନ କରିଛନ୍ତି। ଉକ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ ଆମ୍ବାଗୁଡ଼ା ଫାଣ୍ଡି ଅଧୀନରେ ୫ଟି ପଞ୍ଚାୟତ ରହିଛି । ଅନେକ ଅନୁଷ୍ଠାନ, ଆଇଟିଆଇ, ଇଞ୍ଜିନିୟରିଂ କଲେଜ, ଫାର୍ମାସି କଲେଜ ମେଡିକାଲ୍ ଓ ଆର୍‌ଆଇ ଅଫିସ୍ ରହିଛି। ଏହାସହ ଜାତୀୟ ରାଜପଥ ଉପରେ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି। ଲୋକଙ୍କ ଅତ୍ୟନ୍ତ ଜରୁରୀ ସମୟରେ ପୁଲିସ୍ ସେଠାରେ ପହଞ୍ଚିବାରେ ବିଳମ୍ବ ହେଉଛି। ପ୍ରତି ମାସ ବ୍ୟବଧାନରେ ଚୋରି ଓ ଡକାୟତି ମଧ୍ୟ ଘଟୁଛି। ପୂର୍ବରୁ ଫାଣ୍ଡି ଅଧୀନରେ ଚାରି ଚକିଆ ଯାନ ଥିଲା । ବର୍ତ୍ତମାନ ବର୍ଷେ ହେବ ତାହା ନାହିଁ । ରାତ୍ର ପାଟ୍ରୋଲିଂ କରିବା ମଧ୍ୟ ସେମାନଙ୍କୁ ଅସୁବିଧା ହେଉଛି । ଫଳରେ ଚୋରଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ତେଣୁ ପ୍ରଶାସନ ଆମ୍ବାଗୁଡ଼ା ଫାଣ୍ଡିକୁ ଏକ ଚାରି ଚକିଆ ଯାନ ଯୋଗାଇବାକୁ ଦାବି କରାଯାଇଛି। ଏହି ଦାବିପତ୍ରର ନକଲ କୋରାପୁଟ ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ପ୍ରଦାନ କରାଯାଇଛି।

# ଶ୍ରୀମନ୍ଦିର ରୋଷଘରକୁ ଯାଉଥିବା ବନସ୍ପତି ଘିଅ ଜବତ

**ପୁରୀ, ୧୯।୬/ଏନ୍‌ଏନ୍‌ଏସ୍:** ଶ୍ରୀମନ୍ଦିର ଭିତରୁ ଜବତ ହେଲା ବନସ୍ପତି ଘିଅ। ମହାପ୍ରଭୁଙ୍କ ମହାପ୍ରସାଦ ପ୍ରସ୍ତୁତି ପାଇଁ କେବଳ ଓମଫେଡ୍ ଘିଅ ବ୍ୟବହାର କରିବା ପାଇଁ ଅନୁମତି ରହିଛି। ଶ୍ରୀମନ୍ଦିର ରୋଷଘରକୁ ଯାଉଥିବା ବେଳେ ୩୦ ପ୍ୟାକେଟ ବନସ୍ପତି ଘିଅ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଜବତ କରାଯାଇଛି। ତେବେ କେଉଁ ସୁଆର ରୋଷଘରକୁ ଏହି ବନସ୍ପତି ଘିଅ ନେଉଥିଲେ ସେନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ଏନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସିଂହଦ୍ୱାର ଥାନାରେ ଏତଲା ଦିଆଯାଇଛି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମହାପ୍ରସାଦ ପ୍ରସ୍ତୁତି ଏବଂ ଦୀପ ଘିଅରେ କେବଳ ଓମଫେଡ୍ ଘିଅ ବ୍ୟବହାର କରାଯିବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କଡ଼ା ନିର୍ଦ୍ଦେଶ ଦେଇଥିଲେ। ଏହାକୁ ସୁଆର ମହାସୁଆର ନିଯୋଗ ମଧ୍ୟ ସହମତି ପ୍ରକାଶ କରିବା ସହ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କହିଥିଲେ। ଶ୍ରୀମନ୍ଦିର ଭିତରେ ଓମଫେଡ୍ ଡିପୋ ରହିଲେ ମନ୍ଦିର ଭିତରକୁ ଅପମିଶ୍ରିତ ଘିଅର ବ୍ୟବହାରକୁ ରୋକାଯାଇ ପାରିବ। ଏଥିସହ ଶ୍ରୀମନ୍ଦିର ଭିତରକୁ ଯେଭଳି ଅପମିଶ୍ରିତ ତଥା ଅନ୍ୟ କମ୍ପାନିର ଘିଅ ପ୍ରବେଶ ନ କରେ, ବରିଷ୍ଠ ସୁପରଭାଇଜର ଏବଂ କମାଣ୍ଡର ଏଥିପ୍ରତି ଦୃଷ୍ଟି ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା।

ଗତ ବୁଧବାର ପ୍ରାୟ ୩୦ ପ୍ୟାକେଟ ବନସ୍ପତି ଘିଅ ରୋଷଘରକୁ ବ୍ୟବହାର ପାଇଁ ଯାଉଥିବା ଦୃଷ୍ଟିଗୋଚର ହୋଇଥିଲା। ଏନେଇ ଶ୍ରୀମନ୍ଦିର ପ୍ରଶାସନକୁ ପକ୍ଷରୁ ଉକ୍ତ ଘିଅକୁ ଜବତ କରିବା ସହ କେଉଁ ସୁଆର ଏହାକୁ ବ୍ୟବହାର ପାଇଁ ନେଉଥିଲେ, ସେନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ତଦନ୍ତ ଜାରି ରଖିଛି। ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର ସାହୁଙ୍କ ପକ୍ଷରୁ ସିଂହଦ୍ୱାର ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ୨୦୨୫ ନଭେମ୍ବର ୩ ତାରିଖରେ ଜଣେ ମହାସୁଆର ସେବକ ଅନ୍ୟ କମ୍ପାନିର ଘିଅ ବ୍ୟବହାର କରୁଥିବା ଦୃଷ୍ଟିଗୋଚର ହୋଇଥିଲା। ଏନେଇ ଶ୍ରୀମନ୍ଦିର ପ୍ରଶାସନକୁ ଅବଗତ କରିବା ପରେ ସମ୍ପୃକ୍ତ ସେବକଙ୍କୁ କୈଫିୟତ ତଲବ କରାଯାଇଥିଲା। ଶ୍ରୀମନ୍ଦିର ଭିତରେ କୌଣସି ପ୍ରକାର ବିଶୃଙ୍ଖଳାକୁ ବରଦାସ୍ତ କରାଯିବ ନାହିଁ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପୂର୍ବରୁ ସୂଚନା ଦେଇସାରିଛନ୍ତି।ଶ୍ରୀମନ୍ଦିର ଭିତରେ କେବଳ ଓମଫେଡ ଘିଅ ବ୍ୟବହାର କରାଯିବା ନେଇ ନିଷ୍ପତ୍ତି ନିଆଯାଇଛି। କିନ୍ତୁ ଏହି ନିୟମକୁ କେତେକ ସୁଆର ସେବକ ପାଳନ କରୁନଥିବା ନଜରକୁ ଆସିଛି। ଶ୍ରୀମନ୍ଦିର ଭିତରେ ବିଭିନ୍ନ ସମୟରେ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ଏସବୁ ଦିଗ ଉପରେ ନଜର ରଖୁଛନ୍ତି। ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର ସାହୁ କହିଛନ୍ତି, 'ଶ୍ରୀମନ୍ଦିର ଭିତରେ ଓମ୍‌ଫେଡ ଘିଅକୁ ବାଦ୍ ଦେଲେ ଅନ୍ୟ କୌଣସି ଘିଅର ବ୍ୟବହାର ହେବନାହିଁ। ଯେଉଁ ସେବକ ଏହି ନିୟମକୁ ଉଲ୍ଲଂଘନ କରୁଛନ୍ତି, ଶ୍ରୀମନ୍ଦିର ପ୍ରଶାସନ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି। ଶ୍ରୀମନ୍ଦିରରୁ ଜବତ ବନସ୍ପତି ଘିଅ କେଉଁ ସୁଆର ସେବକ ନେଇଥିଲେ ତାହାର ତଦନ୍ତ ଜାରି ରହିଛି। ତଦନ୍ତ ପରେ ଶ୍ରୀମନ୍ଦିର ପ୍ରଶାସନର ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ।


## ପୂର୍ବ ତଟ ରେଳପଥ

ଟେଣ୍ଡର ସଂ. eT-M-KUR-EnHM-DRM-328-26

**କାର୍ଯ୍ୟର ନାମ :** ତିନି ବର୍ଷ ଅବଧି ନିମନ୍ତେ ମଣ୍ଡଳ ରେଳ ପ୍ରବନ୍ଧକ କାର୍ଯ୍ୟାଳୟ ଭବନ ଏବଂ ଆନୁଷଙ୍ଗିକ କାର୍ଯ୍ୟାଳୟ ଭବନ ପରିସରର ଯନ୍ତ୍ରୀକୃତ ସଫେଇ ଏବଂ ପରିମଳ ବ୍ୟବସ୍ଥା (Sanitation) କରିବା।

**ବିଜ୍ଞାପିତ ମୂଲ୍ୟ :** ₹ 3,64,42,957.86, EMD : ₹ 3,32,200/-, ଟେଣ୍ଡର କାଗଜପତ୍ରର ମୂଲ୍ୟ : ₹ 11,800/-, ଶେଷ ହେବା ଅବଧି : 36 ମାସ।

ବିଡ୍ ଆରମ୍ଭ ହେବା ତାରିଖ : ତା.18.06.2026ରିଖ

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.02.07.2026 ରିଖ 1530 ଘଟିକାରେ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଇ-ଟେଣ୍ଡର କାଗଜପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଶୁଦ୍ଧିପତ୍ର www.ireps.gov.inରେ ଉପଲବ୍ଧ ଅଟେ।

ସିନିୟର ଡିଭିଜନାଲ୍ ମେକାନିକାଲ୍ ଇଞ୍ଜିନିୟର / ଖୋର୍ଦ୍ଧା ରୋଡ୍

PR-252/R/26-27


# 'ବିକାଶର ଧାରା, ଓଡ଼ିଶା ସାରା' କାର୍ଯ୍ୟକ୍ରମ

**ଡେଲାଙ୍ଗ, ୧୯।୬/ଏନ୍‌ଏନ୍‌ଏସ୍:** ପୁରୀ ଜିଲ୍ଲା ଡେଲାଙ୍ଗ ବ୍ଲକର ଅରିଶଲ ପଞ୍ଚାୟତ ନାରପୁର ମହାବୀର ମନ୍ଦିର ପ୍ରାଙ୍ଗଣରେ ସରକାରଙ୍କ ଜନକଲ୍ୟାଣ ମୂଳକ କାର୍ଯ୍ୟକ୍ରମ 'ବିକାଶର ଧାରା, ଓଡ଼ିଶା ସାରା' ଅତ୍ୟନ୍ତ ଉତ୍ସାହ ଓ ଜନସମାଗମ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ସରକାରୀ ଯୋଜନାର ସୁଫଳ ସିଧାସଳଖ ଭାବେ ହିତାଧିକାରୀଙ୍କ ନିକଟରେ ପହଞ୍ଚାଇବା ସହ ନୂତନ ହିତାଧିକାରୀଙ୍କୁ ସାମିଲ କରିବା ଉଦ୍ଦେଶ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶତାଧିକ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଡେଲାଙ୍ଗ ବିଡିଓ ସମିର କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକାରୀ ଯୋଜନା ଓ ବିକାଶମୂଳକ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ। ସାଧାରଣ ଲୋକଙ୍କ ସାମାଜିକ ଓ ଆର୍ଥିକ ବିକାଶ ପାଇଁ ସରକାର ନିରନ୍ତର କାର୍ଯ୍ୟ କରୁଥିବା କହିବା ସହ ସମସ୍ତଙ୍କୁ ବିକାଶର ଏହି ଧାରାରେ ସାମିଲ ହେବାକୁ ସେ ଆହ୍ୱାନ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଡେଲାଙ୍ଗ ସିଡିପିଓ ଜାପାନୀ ମିତ୍ର, ଆମ୍ବା ଅଧ୍ୟକ୍ଷ ଲଡୁ କିଶୋର ରାୟ, ବ୍ଲକ କାର୍ଯ୍ୟନିର୍ବାହୀ ଅଧିକାରୀ ସୁବ୍ରତ ବାରିକ, ଯୋଗାଣ ଅଧିକାରୀ ବିଜୟଲକ୍ଷ୍ମୀ ଦାସ, ବିଭିଓ ପ୍ରୀତିତୋଷ ମହାପାତ୍ର ପ୍ରମୁଖ ଯୋଗଦେଇ ସରକାରୀ ଯୋଜନାର ସଫଳ ରୂପାୟନ ଓ ଲୋକଙ୍କ ଉପକାରିତା ସମ୍ପର୍କରେ ମତ ରଖିଥିଲେ। କାର୍ଯ୍ୟକ୍ରମରେ ଅନ୍ତ୍ୟୋଦୟ ଗୃହ ଯୋଜନାରେ ୩୪ ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିବା ବେଳେ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାରେ ୨୦୦ରୁ ଅଧିକ ହିତାଧିକାରୀଙ୍କୁ ରାସନ କାର୍ଡ ପ୍ରଦାନ କରାଯାଇଥିଲା। ସେହିପରି ଭିନ୍ନକ୍ଷମ ଓ ବରିଷ୍ଠ ନାଗରିକଙ୍କ ସମେତ ୧୨୧ଜଣ ହିତାଧିକାରୀଙ୍କୁ ପେନସନ ବଣ୍ଟନ କରାଯାଇଥିଲା। ଏଥିସହ ଡେଲାଙ୍ଗ ବ୍ଲକର ୨୧ଟି ପଞ୍ଚାୟତର ୬୦ଜଣ ମହିଳାଙ୍କୁ 'ଲକ୍ଷପତି ଦିଦି' ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ୧୨ଜଣ, ଗୋସୁଗମ ଯୋଜନାରେ ୧୦ଜଣ ଏବଂ ଗୋଶାଳା ପାଇଁ ଜଣେ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯିବା ସହ ଚାରା ଆମଦାନୀ ପାଇଁ ଏସ୍‌ଏଚ୍‌ଜି ଗୋଷ୍ଠୀର ମହିଳାମାନଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। ଡେଲାଙ୍ଗ ଜିପିଓ ନୃସିଂହ ଚରଣ ମିଶ୍ର କାର୍ଯ୍ୟକ୍ରମର ସଭା ପରିଚାଳନା କରିଥିବା ବେଳେ ବ୍ଲକର ସମସ୍ତ କର୍ମଚାରୀ ଓ କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ।

# ବାଳିକାଙ୍କ ସର୍ବାଙ୍ଗୀନ ଉନ୍ନତିକୁ ନେଇ ଆଲୋଚନାଚକ୍ର




**ପୁରୀ ସଦର, ୧୯।୬/ଏନ୍‌ଏନ୍‌ଏସ୍:** ପୁରୀ ସ୍ଥିତ ୟୁଥ୍ ହଷ୍ଟେଲ୍ ଠାରେ ଗୋପବନ୍ଧୁ ସେବା ପରିଷଦ ଓ ଅଜିମ୍ ପ୍ରେମଜୀ ଫାଉଣ୍ଡେସନର ମିଳିତ ଆନୁକୁଲ୍ୟରେ ପେଣ୍ଟକଟା ସ୍ଥିତ କିଶୋରୀ ବାଳିକାମାନଙ୍କ ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ପୁରୀ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଶିକ୍ଷା ବିଭାଗର କ୍ଲଷ୍ଟର ସମ୍ବଳ ସଂଯୋଜିକା ସସ୍ମିତା ଜେନା, ଗୋପବନ୍ଧୁ ସେବା ପରିଷଦର ଅଧ୍ୟକ୍ଷ ପ୍ରଦୀପ କୁମାର ମହାରଣା, ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଏଲିନା ମିଶ୍ର, ପ୍ରକଳ୍ପ ପରିଚାଳକ ଚନ୍ଦ୍ରିକା କିଶାନ ପ୍ରମୁଖ ଅତିଥି ଭାବେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଶ୍ରୀ ମହାରଣା ଉଡାଣ ପ୍ରକଳ୍ପର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବିଷୟରେ ଅବଗତ କରିଥିଲେ। ପରେ ଶ୍ରୀମତୀ ମିଶ୍ର ଅନୁଷ୍ଠାନ ଦ୍ୱାରା କରା ଯାଇଥିବା କିଶୋରୀ ବାଳିକା ମାନଙ୍କ ସର୍ଭେ ରିପୋର୍ଟ୍ ଉପସ୍ଥାପନ କରିଥିଲେ। ଯେଉଁଥିରେ ପେଣ୍ଟକଟା ଅଞ୍ଚଳର କିଶୋରୀ ବାଳିକା ମାନେ ସମ୍ମୁଖୀନ କରୁଥିବା ବିଭିନ୍ନ ଅସୁବିଧା ମାନଙ୍କ ବିଷୟରେ ବ୍ୟକ୍ତ କରିଥିଲେ। ଶ୍ରୀ ତ୍ରିପାଠୀ ଶିଶୁ ସୁରକ୍ଷା, ପାଠପଢା ଛାଡି ଦେଇଥିବା କିଶୋରୀଙ୍କୁ ନାମଲେଖା, ଶିଶୁ ଶ୍ରମିକ ରୋକିବା, ଭିନ୍ନକ୍ଷମ ପିଲାଙ୍କୁ ସହାୟତା ଯୋଗାଇ ଦିଆଯିବା କ୍ଷେତ୍ରରେ ନିଆଯାଇପାରିବା ବିଭିନ୍ନ ପଦକ୍ଷେପମାନଙ୍କ ବିଷୟରେ ଆଲୋଚନା କରିଥିଲେ। ଆଗାମୀ ଦିନରେ ସମସ୍ତ ବିଭାଗ ସହ ଏକ ବୈଠକ ଡକାଇ ସମ୍ପୃକ୍ତ ଅସୁବିଧା ବିଷୟରେ ଆଲୋଚନା କରିବା ପାଇଁ ପରାମର୍ଶ ଦେଇଥିଲେ। ସେହିପରି ଶ୍ରୀମତୀ ଜେନା ଶିକ୍ଷା ବିଭାଗ ଦ୍ୱାରା ପରିଚାଳିତ ବିଭିନ୍ନ ଯୋଜନା ବିଷୟରେ ଅବଗତ କରାଇବା ସହ, ପାଠପଢୁ ନଥିବା କିଶୋରୀଙ୍କ ନାମଲିଖନ କରାଇବାର ଉପାୟ ଓ ନାମଲେଖା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ସୁଶ୍ରୀ ଚନ୍ଦ୍ରିକା କିଶାନ କିଶୋରୀ ବାଳିକା ମାନଙ୍କ ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ଉପସ୍ଥିତ ଶିକ୍ଷକ, ସାହି ମୁଖିଆ, ଅଭିଭାବକମାନଙ୍କ ସହିତ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ ବିସ୍ମୟ ମିଶ୍ର ଓ ସୁଶ୍ରୀ ଶୁଭସ୍ମିତା ପରିଜା ମଞ୍ଚ ପରିଚାଳନା କରିଥିବା ବେଳେ ଅନୁଷ୍ଠାନର କର୍ମୀ ଭାଗ୍ୟରଥୀ ଖଟୋଇ, ପପୁ ସାହୁ, ସୁଭାଷିନୀ, ଅରୁଣା, ବିମଳା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


## ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ସଂ. 18/ET/SBP/ENGG/2026-27, ତା.12.06.2026ରିଖ

(1) ଇ-ଟେଣ୍ଡର ସଂ. 11-eT-DENE-SBP-26

**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର ବରିଷ୍ଠ ମଣ୍ଡଳ ଯନ୍ତ୍ରୀ (ପୂର୍ବ)ଙ୍କ ପରିସୀମା ଅଧୀନସ୍ଥ ବିଭିନ୍ନ ସ୍ଥାନରେ 60 କିଗ୍ରା 90 UTS ରେଲଗୁଡ଼ିକ ପାଇଁ 1860 ସଂଖ୍ୟକ ଆଲୁମିନୋ ଥର୍ମିକ ୱେଲ୍ଡିଂ ପୋର୍ସନ୍ ଯୋଗାଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹75,55,208.40, ବିଡ୍ ସିକ୍ୟୁରିଟୀ : ₹1,51,200/-, କାର୍ଯ୍ୟ ଶେଷ ହେବା ଅବଧି : 12 (ବାର) ମାସ।

(2) ଇ-ଟେଣ୍ଡର ସଂ. 06-eT-SETT-SBP-26

**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର ସହକାରୀ ମଣ୍ଡଳ ଯନ୍ତ୍ରୀ/ସେଟଲମେଣ୍ଟ/ ସମ୍ବଲପୁରଙ୍କ ପରିସର ଅଧୀନରେ ଥିବା ଡିଭିଜନାଲ ରେଳ ପ୍ରବନ୍ଧକ କାର୍ଯ୍ୟାଳୟ, ରନିଂ ରୁମ୍, PWI କାର୍ଯ୍ୟାଳୟ, BRI କାର୍ଯ୍ୟାଳୟ, ଫିଲ୍ଟର ହାଉସ୍, STP ଏବଂ ନିର୍ମାଣ କାର୍ଯ୍ୟାଳୟ ଆଦି ସର୍ଭିସ ଭବନର ମରାମତି କାର୍ଯ୍ୟ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹1,30,04,712.25, ବିଡ୍ ସିକ୍ୟୁରିଟୀ : ₹2,60,100/-, କାର୍ଯ୍ୟ ଶେଷ ହେବା ଅବଧି : 10 (ଦଶ) ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** 06.07.2026, 1500 ଘଟିକା (ଉଭୟ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ କରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର କାଗଜପତ୍ର ସହିତ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଅବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡ଼ରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ)/ ସମ୍ବଲପୁର

PR-250/R/26-27

## AFFIDAVIT

By virtue of an affidavit sworn before the Executive Magistrate, Chatrapur, dtd. 05.06.2026, I, B Mohan Rao, S/o - B Raja Rao, Resident at - Takiria Berhampur, Po - Matikhalo, Ps - Chamakhandi, Dist - Ganjam, Pin-761045 do hereby declare that my minor son name have changed from B Damodar Rao (old name) to B Deepak Rao (new name). Henceforth, he shall be known as **B Deepak Rao** for all purposes.

**B Mohan Rao**

## AFFIDAVIT

By virtue of an affidavit sworn before the Executive Magistrate, Baripada, Mayurbhanj, Sl. No.213, dtd. 12.06.2026 I, Ashok Kumar Agarwala, aged about 64 years, S/o - Late Sambhulal Agarwala, At - Swarupnagar, Ward No. 05, Po/Ps - Baripada Town, Dist - Mayurbhanj, Pin - 757001 do hereby declare that I have changed my name from Ashok Agarwal (old name) to Ashok Kumar Agarwala (new name). Henceforth, I shall be known as **Ashok Kumar Agarwala** for all purposes.

## NOTICE

**That the partnership firm M/S Dhanawat Enterprises bearing Regd No. 4966/2023 having its principal place of business at Saanta Sahi, Haripur Road 753001 has been reconstituted with effect from the 1st of April 2026 here as under :-1. Niranjan Agarwal (Retiring/ Outgoing Partner) 2. Nishit Agarwal (Existing Partner) 3. Siddharth Agarwal (Incoming Partner)**

NISHIT AGARWAL
MANAGING PARTNER


# ମା' ଡୁମୁଣି ଠାକୁରାଣୀଙ୍କ ୧୫ତମ ବାର୍ଷିକ ଉତ୍ସବ



**ବୋଲଗଡ଼, ୧୯।୬/ଏନ୍‌ଏନ୍‌ଏସ୍:** ବୋଲଗଡ଼ ସଦର ପଞ୍ଚାୟତ ଗାନ୍ଧୀନଗରସ୍ଥିତ ମା' ଡୁମୁଣି ଠାକୁରାଣୀଙ୍କର ୧୫ତମ ବାର୍ଷିକ ଉତ୍ସବ ମହାଆନନ୍ଦ ଓ ଉଦ୍ଦୀପନାର ସହିତ ଶୁକ୍ରବାର ଅନୁଷ୍ଠିତ ହୋଇଅଛି।ଉତ୍ସବକୁ ଗାନ୍ଧୀ ନଗରର ସମସ୍ତ ଯୁବଗୋଷ୍ଠୀ ସହ ଓ ଆବାଳ ବୃଦ୍ଧ ବନିତା ସକରାତ୍ମକ ଭାବେ ପାଳନ କରିଛନ୍ତି। ପ୍ରତ୍ୟୁଷରୁ ବ୍ରାହ୍ମଣ ପୂଜକ ମା'ଙ୍କର ସମସ୍ତ ସକଳ ନୀତି ତଥା ସହିତ ଶୁଦ୍ଧ ସ୍ନାନାଦି, ନୂତନ ବସ୍ତ୍ର ପରିଧାନ, ଅଳଙ୍କାରାଦି ଭୂଷଣ କାର୍ଯ୍ୟ ଶେଷ ଓ ସୂର୍ଯ୍ୟପୂଜା, ଦ୍ୱାରପୂଜା, ଚାମଣ୍ଡା ଆବାହନୀ ସମେତ ସମସ୍ତ ପୂଜାବିଧି ବିଧାନ ସମ୍ପର୍ଣ୍ଣ କରାଯାଇଥିଲା। ଶତାଧିକ ମହିଳା ନିକଟସ୍ଥ ସ୍ଥାନୀୟ ମାଟିଗଡ଼ିଆ ଜଳସରୋବରରୁ ମା'ଙ୍କ ଉଦେଶ୍ୟରେ କଳସ ଯାତ୍ରାରେ ଯାଇଥିଲେ, ପରେ ପଣ୍ଡିତ ବ୍ରାହ୍ମଣଙ୍କ ଦ୍ୱାରା ଶୁଦ୍ଧ ମନ୍ତ୍ରାଦି ପରେ ମସ୍ତକରେ ଜଳପୂର୍ଣ୍ଣ କଳସ ବହନ ପୂର୍ବକ ମନ୍ଦିର ପରିସରକୁ ପ୍ରତ୍ୟାବର୍ତ୍ତନ କରି ନିର୍ଦ୍ଦିଷ୍ଟ ଆସନରେ କଳସ ଠାକୁର ପ୍ରମୁଖ ମାନଙ୍କୁ ଉପବେଶନ କରାଯାଇଥିଲା ଓ ସନ୍ଧ୍ୟାରେ ଯଜ୍ଞାଦି କାର୍ଯ୍ୟ ସମ୍ପାଦନ ପରେ ପୁନଃ କଳସ ଠାକୁର ମାନଙ୍କୁ ପୂର୍ବ ନିର୍ଦ୍ଧାରିତ ପୁଷ୍କରିଣୀରେ ବିସର୍ଜନ କରାଯାଇଥିଲା। ଠାକୁରାଣୀଙ୍କ ବାର୍ଷିକ ଉତ୍ସବ ହୋମ ଯଜ୍ଞାଦି କାର୍ଯ୍ୟରେ କର୍ତ୍ତା ଭାବେ ବୈକୁଣ୍ଠ ସାହୁ ଓ ସହ ଧର୍ମିଣୀ କର୍ତ୍ତ୍ରୀ ଭାବେ ଉପବେଶନ ରହିଥିଲେ। ଏହି ବାର୍ଷିକ ଉତ୍ସବରେ ଗାନ୍ଧୀ ନଗରର ସମସ୍ତ ଯୁବଗୋଷ୍ଠୀ ସୁପରିଚାଳନା କରିଥିଲେ ଓ ମା'ଙ୍କ କୃପା ଲାଭ କରିଥିଲେ ଓ ଏହି ଉତ୍ସବ ଦେଖିବା ଲାଗି ଅଞ୍ଚଳର ଅନେକ ଭକ୍ତ ମାନଙ୍କ ସମାଗମ ହୋଇଥିଲା।

# ନୟାଗଡ଼ ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

**ନୟାଗଡ଼, ୧୯।୬/ଏନ୍‌ଏନ୍‌ଏସ୍:** ନୟାଗଡ଼ ଦେବୋତ୍ତର ବିଭାଗ ଦ୍ୱାରା ମହାପ୍ରଭୁଙ୍କ ରଥଯାତ୍ରା ପାଇଁ ନୟାଗଡ଼ ଜିଲ୍ଲାପାଳଙ୍କ ସଭାବନା ଗୃହରେ ଏକ ପ୍ରସ୍ତୁତି ବୈଠକ ଜିଲାପାଳ ମଧୁମିତା ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ରଥଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହିତ ସୁବ୍ୟବସ୍ଥିତ କରିବା ପାଇଁ ଜିଲାପାଳ ବୈଠକରେ ସୂଚନା ଦେଇଛନ୍ତି। ବୈଠକରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ ସୁଚିନ୍ତିତ ମତ ପ୍ରକାଶ କରିବା ସହ ପୁରୁଣା ସହରରେ ହେଉଥିବା ରଥଯାତ୍ରାରେ ସମ୍ପୂର୍ଣ୍ଣ ସହଯୋଗ କରିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ କିଭଳି ଭଲ ଭାବେ ହୋଇପାରିବ ସେ ଦିଗରେ ବକ୍ତବ୍ୟ ରଖିଥିଲେ। ନୂଆ ଏସ୍‌ପି ଶୁଭେନ୍ଦୁ ପାତ୍ର ମଧ୍ୟ ଏହି ବୈଠକରେ ଯୋଗଦେଇ ଚଳିତ ରଥଯାତ୍ରା କିଭଳି ଶାନ୍ତି ଶୃଙ୍ଖଳାରେ ହୋଇପାରିବ ସେ ଦିଗରେ ବିଭିନ୍ନ ପ୍ରସ୍ତାବ ରଖିଥିଲେ। ଉପଜିଲ୍ଲାପାଳ ତଥା ନୟାଗଡ଼ ଦେବୋତ୍ତର ବିଭାଗର କାର୍ଯ୍ୟ ନିର୍ବାହୀ ଅଧିକାରୀ କର୍ଣ୍ଣଦେବ ସମାଦାରଙ୍କ ତତ୍ତ୍ୱାବଧାନରେ ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ଦେବୋତ୍ତର ମ୍ୟାନେଜର ତାପସ ରଞ୍ଜନ ପଟ୍ଟନାୟକ ସମସ୍ତ ବିବରଣୀ ପାଠ କରିଥିଲେ। ଚଳିତ ବର୍ଷ ରଥଯାତ୍ରାକୁ କିଭଳି ଅଧିକରୁ ଅଧିକ ବ୍ୟାପକ କରାଯିବ ସେ ଦିଗରେ ପ୍ରସ୍ତାବ ଦେଇଥିଲେ। ବୈଠକରେ ନୟାଗଡ଼ ତହସିଲଦାର ରାଜେଶ କେଶରୀ ସ୍ୱାଇଁ, ନୟାଗଡ଼ ଏସ୍‌ଡିଓ ସୃଷ୍ଟି ପ୍ରଧାନ, ଜ୍ୟୋସ୍ନାରଞ୍ଜନ ପଣ୍ଡା ଅବକାରୀ ଅଧୀକ୍ଷକ, ଡ. ସତ୍ୟଜିତ କର, ଅତିରିକ୍ତ ବନଖଣ୍ଡ ଅଧିକାରୀ, ରଶ୍ମିରଞ୍ଜନ ପ୍ରଧାନ ଟାଉନଥାନା ଅଧିକାରୀ, ସୁମିତ୍ରା ଭୂୟାଁ ଜିଲ୍ଲା ସଂସ୍କୃତି ଅଧିକାରୀ, ସୁଜାତା ସାହୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରମୁଖଙ୍କ ସହ ଆନ୍ୟାନ୍ୟ ମାନ୍ୟଗଣ୍ୟ ପ୍ରତିନିଧିମାନେ ଯୋଗଦେଇଥିଲେ। ବୈଠକରେ ରଥ ନିର୍ମାଣ, ନୀତିକାନ୍ତି, ଶାନ୍ତିଶୃଙ୍ଖଳା ରକ୍ଷା, ପରିଷ୍କାର ପରିଚ୍ଛନ୍ନତା, ସ୍ୱାସ୍ଥ୍ୟସେବା, ଆଲୋକ ସାଜସଜ୍ଜା ଇତ୍ୟାଦି ବିଷୟ ଉପରେ ଆଲୋଚନା କରାଯାଇଥିଲା।


## MAHANGA WOMEN'S H.S. SCHOOL
## PALLISAHI, CUTTACK-754221

**WALK-IN-INTERVIEW**

Candidates with 55% of marks in P.G. may attend the interview on dt.03.07.2026 at 11 A.M. with Bio-data and all original certificates in the office of the Principal for the post of Lecturers (Guest Faculty) in the Department of History, Odia and Sociology. Salary Negotiable.

Sd/-
Principal-Cum-Secretary


# ଜନଗଣନା କର୍ମଚାରୀଙ୍କୁ ସମ୍ବର୍ଦ୍ଧନା



**କଣ୍ଟାପଡ଼ା, ୧୯।୬/ଏନ୍‌ଏନ୍‌ଏସ୍:** ଭାରତୀୟ ମୁଖ୍ୟ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ ମୁତାବକ ସାରା ଭାରତବର୍ଷରେ ଭୋଟର ଗଣନା, ଭୋଟର ପଞ୍ଜୀକରଣ ଓ ଭୋଟର ସଂଶୋଧନ ନିମିତ୍ତ ନିର୍ଦ୍ଦେଶନାମା ଜାରି କରାଯାଉଛି। ଉକ୍ତନିର୍ଦ୍ଦେଶନାମାକୁ ତ୍ୱରିତ ଓ ନିର୍ଭୁଲ ତଥା ତ୍ରୁଟିଶୂନ୍ୟ କରିବା ଲକ୍ଷ୍ୟରେ ସମସ୍ତ ନିଯୋଜିତ କର୍ମଚାରୀମାନଙ୍କୁ କଡ଼ା ନିର୍ଦ୍ଦେଶନାମା ଜାରି କରାଯାଇଛି। ଏହି କାର୍ଯ୍ୟକୁ କଣ୍ଟାପଡ଼ା ବ୍ଲକରେ ସଠିକ ଢଙ୍ଗରେ କାର୍ଯ୍ୟକାରୀ କରିବା ନିମିତ୍ତ ବ୍ଲକ ପ୍ରଶାସନ ତାଲିମପ୍ରାପ୍ତ ଶିକ୍ଷକ,ଶିକ୍ଷିକା ଓ ଅଙ୍ଗନୱାଡି କର୍ମଚାରୀଙ୍କୁ ନିଯୋଜିତ କରାଯାଇଛି। ନିଯୋଜିତ କର୍ମଚାରୀଙ୍କ ମଧ୍ୟରୁ ଯେଉଁମାନେ ତ୍ୱରିତ ଓ ନିର୍ଭୁଲ ଭାବରେ କାର୍ଯ୍ୟ ସଂପାଦନ କରିଛନ୍ତି ସେମାନଙ୍କୁ ଆଜି ବ୍ଲକ ପ୍ରଶାସନ ଓ ରାଜ୍ୟନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ଦାୟିତ୍ୱରେ ଥିବା ଅଧିକାରୀ ଓ କଣ୍ଟାପଡ଼ା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ୱପ୍ନିତା ନାୟକ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରୁବି ତପସ୍ୱିନୀ ଦାସ, ଗ୍ରାମ୍ୟ ପଞ୍ଚାୟତ ସଂପ୍ରସାରଣ ଅଧିକାରୀ ରବୀନ୍ଦ୍ର କୁମାର ସାହୁ ପ୍ରମୁଖ ସେମାନଙ୍କର କାର୍ଯ୍ୟ ନିମନ୍ତ ଉଚ୍ଚପ୍ରଶଂସା କରିବା ସହିତ ମାନପତ୍ର ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ବାବା ନୀଳକଣ୍ଠେଶ୍ୱର ପୀଠରେ ରଜ ଉତ୍ସବ ଉଦ୍‌ଯାପିତ

**ଗୋପ, ୧୯।୬/ଏନ୍‌ଏନ୍‌ଏସ୍:** ଗୋପ ବ୍ଲକ ଅଧୀନ ଦିହୁଡା ସ୍ଥିତ ବାବା ନୀଳକଣ୍ଠେଶ୍ୱର ଶୈବପୀଠରେ ପ୍ରିୟଦର୍ଶୀ ସାଂସ୍କୃତିକ କଳା ପରିଷଦ ପକ୍ଷରୁ ଆୟୋଜିତ ୪ଦିନ ଧରି ଚାଲିଥିବା ରଜ ମହୋତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ରଜଦୋଳି, ଝୋଟି, ମେହେନ୍ଦୀ, ଦଉଡି ଡିଆଁ, କବାଡ଼ି, ରଜପିଠା, ରଜପାନ, ପୁଚିଖେଳ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେହିପରି ଦୈନିକ ଘୋଡାନାଚ, ଧୁଡୁକି, ଦାସକାଠିଆ ଗୋଟିପୁଅ ନୃତ୍ୟ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ରମାକାନ୍ତ ନାୟକ, ଫକୀର ବିଶ୍ୱାଳ, ନବ ଭୋଇ, ପ୍ରଭାକର ବିଶ୍ୱାଳ, ଲକ୍ଷ୍ମୀପ୍ରିୟା ଚିହ୍ନରା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିବା ବେଳେ ମନ୍ଦିର କମିଟି ସଭ୍ୟସଭ୍ୟା ଓ ଜନ ପ୍ରତିନିଧିମାନେ ସହଯୋଗ କରିଥିଲେ।


## OFFICE OF THE NOTIFIED AREA COUNCIL, KAMAKHYANAGAR

**At/Po - Kamakhyanagar, Ward No.06, District- Dhenkanal, Pin-759018**

kamakhyanagarnac@gmail.com, kamakhyanagarn.hud@nic.in

13001/916/2627

Notice No. 1224 N.A.C. (K), Dt. 17.06.2026

**"e" Procurement Notice**
**Tender Reference No. KNR-NAC-01/2026-27**

The Notified area Council, Kamakhyanagar invites online Sanitation Bid in double cover system through "e" procurement.

| | |
|---|---|
| Total No of works | : 2 (Two) |
| Value of work | : 1.30 Crore to 1.33 Crore |
| Date and time of availability of the | : Dt.19.06.2026 from 11.00 AM to dt.03.07.2026 upto 05.00 PM (Online bidding) |
| Last date of receipt of document | : Dt.03.07.2026 at 5.00 PM |
| Date & time of opening | : Dt.04.07.2026 at 11.00 AM |
| Power point presentation (with all relevant documents) | : Dt. 07.07.2026 at 12.00 PM |

Further details can be seen from the following portal i.e. https://tendersodisha.gov.in

Sd/- Executive Officer
Kamakhyanagar NAC

OIPR-13001/13128/1/26-27/0002


# ଉପଜିଲ୍ଲାପାଳଙ୍କୁ ରିପୋର୍ଟ ଦେଲେ କଲେଜ ଅଧ୍ୟକ୍ଷ

**କଲେଜ କମନ୍‌ରୁମ୍‌ର କ୍ୟାମେରା ଭଙ୍ଗା ଘଟଣା**

**ଗୋପ, ୧୯।୬/ଏନ୍‌ଏନ୍‌ଏସ୍:** ଗୋପ କଲେଜ କମନ୍ ରୁମ୍‌ରେ କ୍ୟାମେରା ଭଙ୍ଗାକୁ ନେଇ ଗୋପ ମହାବିଦ୍ୟାଳୟରେ ଦୁଇଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି। ସୂଚନା ଅନୁଯାୟୀ, ଗତ ୧୪ ତାରିଖ ଦିନ କଲେଜର କମନ ରୁମ୍ କ୍ୟାମେରାକୁ ଜଣେ ଅଧ୍ୟାପକ ରୋଷ୍ଟର ଡ୍ୟୁଟି କରିବା ସମୟରେ ଭାଙ୍ଗି ଦେଇଥିଲେ। ଅଧ୍ୟକ୍ଷ ଏନେଇ ସମ୍ପୃକ୍ତ ଅଧ୍ୟାପକଙ୍କୁ କାରଣ ଦର୍ଶାଅ ନୋଟିସ୍ କରିଥିଲେ। ଏହାପରେ ଆରମ୍ଭ ହୋଇଥିଲା ବିବାଦ। ସମ୍ପୃକ୍ତ ଅଧ୍ୟାପକ ତିନିଦିନ ପରେ ରାତି ୮ଟାରେ ଉତ୍ତର ଦେଇଥିଲେ। ଅଧ୍ୟକ୍ଷ ଗୁରୁବାର ଏକ ଜରୁରି ବୈଠକ ଦିନ ୧ଟାରେ ଡାକିଥିଲେ। ବୈଠକରେ ପ୍ରାୟ ସମସ୍ତ କର୍ମଚାରୀ ଉପସ୍ଥିତ ଅଧ୍ୟକ୍ଷ ଥିଲେ। ଆଲୋଚନା ବେଳେ ଦୁଇ ଅଧ୍ୟାପକଙ୍କ ମଧ୍ୟରେ ବଚସା ହୋଇଥିଲା। ହାତାହାତି ପର୍ଯ୍ୟନ୍ତ କଥା ଯାଇଥିଲା। ସେହି ସମୟରେ ଆଉ ଜଣେ କର୍ମଚାରୀ ଜଣେ ଅଧ୍ୟାପକଙ୍କୁ ମାରି ପୋତି ଦେବି ବୋଲି ଧମକ ଦେବା ପରେ ଦୁହିଁଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ସିସିଟିଭି କ୍ୟାମେରା ଭଙ୍ଗା ଘଟଣାରେ ଜଣେ ଅଧ୍ୟାପକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିବା ବେଳେ ଘଟଣାର ସବିଶେଷ ତଥ୍ୟ କଲେଜ ପରିଚାଳନା କମିଟି ସଭାପତି ତଥା ଉପଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ କରାଯାଇଛି ବୋଲି ଅଧ୍ୟକ୍ଷ ଜୋସ୍ନାରାଣୀ ପଟ୍ଟନାୟକ କହିଛନ୍ତି।


## OFFICE OF THE MUNICIPAL COUNCIL, TALCHER

**'e' – Procurement Notice**

**Tender Reference No. TCRM-06/2026-27**
**Bid Identification No.2026_ORULB_ 132294**

**No.2145** **Dt.17.06.2026**

Bid documents consisting of works with their estimated cost, cost of tender paper, EMD, time of completion, Class of Contractor, court affidavit and the set of terms & conditions of Contract and other necessary documents can be seen in Govt. 20website i.e. www.tendersorissa.gov.in

| | | | |
|---|---|---|---|
| 1) | Name of the Work | :- | Civil work as mentioned in the website. |
| 2) | No. of works | :- | 16 No. |
| 3) | Estimated Cost | :- | Rs.8.38 lakhs to Rs.49.536 lakhs |
| 4) | Period of Completion | :- | As per DTCN |
| 5) | Date & time of availability of Bid document in the portal | :- | dt.18.06.2026 at 4.00 PM |
| 6) | Last date & time for receipt of Bid in the portal | :- | dt.29.06.2026 at 5.00 PM |
| 7) | Date of Opening Bid | :- | dt.30.06.2026 at 11.00 AM |
| 8) | Name & Address of the Officer inviting the bid | :- | Executive Officer, Talcher Municipality |
| 9) | The bidders have to participate in ONLINE bidding only. Further details can be seen from the procurement portal i.e. www.tendersorissa.gov.in | | |

OIPR-13001/13077/1/26-27/0016 13001/915/2627

**Sd/- Executive Officer**
**Talcher Municipality**

## ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

ଆକାଶ ଶୋଭା ବିଲଡିଂ,
ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ ଭୁବନେଶ୍ୱର-୭୫୧୦୦୧

13001/923/2627

ପତ୍ର ସଂଖ୍ୟା ୧୨୬୪୧/ଭୁ.ଉ.କ., ଭୁବନେଶ୍ୱର ତା.୧୦.୦୬.୨୦୨୬ରିଖ
LA-72/93

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଚନ୍ଦ୍ରଶେଖରପୁର ଫେଜ୍-I ପ୍ଲଟେଡ୍ ଡେଭେଲପମେଣ୍ଟ ସ୍କିମ୍, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର ଅନ୍ତର୍ଗତ ପ୍ଲଟ ନଂ. S-3/750 କୁ ରମାବଲ୍ଲଭ ମିଶ୍ର, ପିତା-ସ୍ୱ କାହ୍ନୁ ଚରଣ ମିଶ୍ର, ଗ୍ରାମ-ପ୍ଲଟ ନଂ. S-3/750 ସେକ୍ଟର-୩ ନିଳାଦ୍ରୀ ବିହାର, ଚନ୍ଦ୍ରଶେଖରପୁର, ପୋଷ୍ଟ-ଶୈଳଶ୍ରୀ ବିହାର, ଥାନା-ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଓଡ଼ିଶାଙ୍କ ନାମରେ ଆବଣ୍ଟନ କରାଯାଇଅଛି। ଆବଣ୍ଟନଗ୍ରାହୀ ରମାବଲ୍ଲଭ ମିଶ୍ର ଗତ ତା.୨୫.୦୮.୨୦୨୫ ରିଖରେ ମୃତ୍ୟୁ ବରଣ କରିଛନ୍ତି। (Death Certificate Registration No. 11201/2025, dtd. 30.08.2025)

Legal Hair Certificate Misc case No. E-LHC/2025/226782, dtd.18.10.2025 ଅନୁଯାୟୀ ରମାବଲ୍ଲଭ ମିଶ୍ରଙ୍କ ଉତ୍ତରାଧିକାରୀ (୧) ସୋଭା ମିଶ୍ର (ସ୍ତ୍ରୀ), (୨) ଅଶ୍ୱିନୀ କୁମାର ମିଶ୍ର (ବିବାହିତ ପୁତ୍ର), (୩) ଅକ୍ଷୟ କୁମାର ମିଶ୍ର (ବିବାହିତ ପୁତ୍ର) ଅଟନ୍ତି।

ବର୍ତ୍ତମାନ ଉକ୍ତ ଉତ୍ତରାଧିକାରୀମାନେ ଉକ୍ତ ପ୍ଲଟର ମାଲିକାନା ସତ୍ତ୍ୱ ସେମାନଙ୍କ ନାମରେ ଉତ୍ତରାଧିକାରୀ ସୂତ୍ରେ ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଏଣୁ ଉକ୍ତ ପ୍ଲଟର ମାଲିକାନାସତ୍ତ୍ୱ ଉତ୍ତରାଧିକାରୀ ସୂତ୍ରରେ ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହେଲେ ଏହି ନୋଟିସ୍ ପ୍ରକାଶନର ୧୫ (ପନ୍ଦର) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି / ଅଭିଯୋଗ ଶୁଣାଯିବ ନାହିଁ ଏବଂ ଉକ୍ତ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ ସଂପାଦନ କରାଯିବ।

ସ୍ୱା/-ଆବଣ୍ଟନ ଅଧିକାରୀ-୧
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ, ଭୁବନେଶ୍ୱର

OIPR-13001/13033/1/26-27/0063

